بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 8-9

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

24 ଫେବୃୟାରୀ- 03 ମାର୍ଚ୍ଚ 2022 | 24 ତବ୍ଲିଗ୍-03 ଅମାନ୍ 1401 ହି.ଶ | 22-29 ରଜବ୍ 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَمَا الۡحَیٰوۃُ الدُّنۡیَاۤ اِلَّا لَعِبٌ وَّلَہۡوٌ ؕ وَلَلدَّارُ الۡاٰخِرَۃُ خَیۡرٌ لِّلَّذِیۡنَ یَتَّقُوۡنَ ؕ اَفَلَا تَعۡقِلُوۡنَ ○ (سورۃ الانعام:33)

ଅନୁବାଦ- ଏବଂ ପାର୍ଥିବ ଜୀବନ, କ୍ରୀଡା କୌତୁକ ବ୍ୟତୀତ ଅନ୍ୟ କିଛି ନୁହେଁ । ଏବଂ ଯେଉଁମାନେ ଧର୍ମଭୀରୁତା ଅବଲମ୍ବନ କରନ୍ତି ସେମାନଙ୍କ ପାଇଁ ପରଲୋକରେ ଆବାସ ବାସ୍ତବିକ ଶ୍ରେଷ୍ଠତର; ତେବେ କ'ଣ ତୁମେମାନେ ଏହା ବୁଝିପାରୁନାହଁ ।

*(ଅଲଅନାମ୍:୩୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ·ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ·ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ·ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

# : ଖୁତ୍‌ବା ଜୁମା :

**ଆମର ସମସ୍ତ କାର୍ଯ୍ୟ ଉପରେ ଅଲ୍ଲାଃ ତାଲାଙ୍କର ନଜର (ଦୃଷ୍ଟି) ରହିଛି । ତେଣୁ ଏକଥାକୁ ସର୍ବଦା ମନରେ ହେଜ କରିବା ଉଚିତ**

**ଓ୍ୱକ୍‌ଫ-ଏ-ଜଦିଦ୍‌ର ଚଉଷଠି ତମ ବର୍ଷରେ ଜମାତ୍ ଅହେମଦୀୟା ତରଫରୁ ଏକ କୋଟି ବାର ଲକ୍ଷ ସତସ୍ତରି ହଜାର ପାଉଣ୍ଡର ଅନୁପମ ଆର୍ଥିକ ବଳିଦାନ**

**ଅଲ୍ଲାଃ ତାଲା ଆମ ହୃଦୟର/ମନଭିତର କଥାକୁ ଜାଣନ୍ତି, ଆମ ନିୟତ୍‌କୁ ଜାଣନ୍ତି, ତେଣୁ ସେ ଏକଥା ଦେଖନ୍ତି ନାହିଁ ଯେ କିଏ ମୋଟା ଅଙ୍କର ଅର୍ଥ ବଳିଦାନ କରିଛି ବା ଅଳ୍ପ କରିଛି ବରଂ ଅଲ୍ଲାଃ ତାଲା ନିୟତ ମୁତାବକ ଫଳ ଦେଇଥାନ୍ତି ।**

**ଯେଉଁ ଜମାଅତ୍ ହଜରତ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ଖୁଦାତାଲାଙ୍କ ପ୍ରତିଶୃତି ମୁତାବକ ସ୍ଥାପନ ହୋଇଅଛି, ତା ବିଷୟରେ ଆଜି କିଏ ଅଛି ଯେ ଏକଥା କହିପାରିବ ଯେ ଏହି ଜମାଅତ୍ ଏବେ ଦୁର୍ବଳ ହୋଇଚାଲିଛି ବୋଲି । ଏହି ଜମାଅତ୍‌ର ସ୍ଥାପନା ତ କେବଳ ଫଳ ଫଳିବା ପାଇଁ ଅର୍ଥାତ ଦିନକୁ ଦିନ ବଢ଼ିଚାଲିବା ପାଇଁ ହୋଇଅଛି । ଶତୃମାନଙ୍କର କୌଣସି ପ୍ରହାର ମଧ୍ୟ ଏହି ଜମାଅତ୍‌ର କେଶମାତ୍ର କ୍ଷତି କରିପାରିବ ନାହିଁ । ଅଲ୍ଲାଃଙ୍କ କୃପାରୁ ଏହି ଜାମଅତ୍ ଉନ୍ନତି କରି ଚାଲିଛି ।**

**ଅଲ୍ଲାଃଙ୍କ କୃପାରୁ ବହୁତ ଘଟଣାବଳୀମାନ ରହିଛି । ଅଲ୍ଲାଃ ତାଲା (ନିଜ ପ୍ରତିଶୃତି ପୂରଣ କରିବାରେ ଅଟଳ କାରଣ ସେ) ସଚ୍ଚା ପ୍ରତିଜ୍ଞାକାରୀ ଅଟନ୍ତି । ହଜରତ ମସିହ୍ ମଉଦ୍ ଆ:ସଙ୍କ ସହିତ କରିଥିବା ପ୍ରତିଶୃତିକୁ ସେ ପୂରଣ କରୁଅଛନ୍ତି ଏବଂ ଅଦୃଶ୍ୟରୁ ସାହାଯ୍ୟ ମଧ୍ୟ କରୁଛନ୍ତି ଓ ଆଗକୁ ମଧ୍ୟ ସାହାଯ୍ୟ କରିଚାଲିବେ ଇନ୍‌ଶାଅଲ୍ଲାଃ । ତାହାଙ୍କ ମାର୍ଗରେ ଖର୍ଚ୍ଚ କରି ତାହାଙ୍କ ସାନ୍ନିଧ ପ୍ରାପ୍ତ କରିବା ପାଇଁ ସେ ଆମକୁ ଅବସର ଦେଉଛନ୍ତି ଯଦ୍ୱାରା ଆମେ ଅଲ୍ଲାଃ ତାଲାଙ୍କ କୃପାର ଅଧିକାରୀ ହୋଇପାରିବା ।**

**ଓ୍ୱକ୍‌ଫେ ଜଦିଦ୍‌ର ପଂଚଷଠି (୬୫) ତମ ବର୍ଷର ଶୁଭାରମ୍ଭର ଘୋଷଣା, ଚାନ୍ଦାର ଖର୍ଚ୍ଚ ଏବଂ ସାରା ଦୁନିଆରେ ବସବାସ କରୁଥିବା ଅହେମଦୀମାନଙ୍କ କୁର୍ବାନୀ (ଆର୍ଥିକ ବଳିଦାନ)ର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀମାନଙ୍କର ଚର୍ଚ୍ଚା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ·ବ**
**(ପ୍ରଦତ୍: ୩୧ ଡ଼ିସେମ୍ବର ୨୦୨୧ ଅନୁଯାୟୀ ୩୧ ଫତହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشۡهَدُ اَنۡ لَّاۤ اِلٰهَ اِلَّا اللّٰهُ وَحۡدَهٗ لَا شَرِيۡكَ لَهٗ وَاَشۡهَدُ اَنَّ مُحَمَّدًا عَبۡدُهٗ وَرَسُوۡلُهٗ
اَمَّا بَعۡدُ فَاَعُوۡذُ بِاللّٰهِ مِنَ الشَّيۡطٰنِ الرَّجِيۡمِ- بِسۡمِ اللّٰهِ الرَّحۡمٰنِ الرَّحِيۡمِ-
اَلۡحَمۡدُ لِلّٰهِ رَبِّ الۡعٰلَمِيۡنَ○ الرَّحۡمٰنِ الرَّحِيۡمِ○ مٰلِكِ يَوۡمِ الدِّيۡنِ○ اِيَّاكَ نَعۡبُدُ وَاِيَّاكَ نَسۡتَعِيۡنُ○
اِهۡدِنَا الصِّرَاطَ الۡمُسۡتَقِيۡمَ○ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ ۙ غَيۡرِ الۡمَغۡضُوۡبِ عَلَيۡهِمۡ وَلَا الضَّآلِّيۡنَ○
وَمَثَلُ الَّذِيۡنَ يُنۡفِقُوۡنَ اَمۡوَالَهُمُ ابۡتِغَآءَ مَرۡضَاتِ اللّٰهِ وَتَثۡبِيۡتًا مِّنۡ اَنۡفُسِهِمۡ كَمَثَلِ جَنَّةٍۢ بِرَبۡوَةٍ اَصَابَهَا وَابِلٌ فَاٰتَتۡ اُكُلَهَا ضِعۡفَيۡنِ ۚ فَاِنۡ لَّمۡ يُصِبۡهَا وَابِلٌ فَطَلٌّ ؕ وَاللّٰهُ بِمَا تَعۡمَلُوۡنَ بَصِيۡرٌ○ (البقرۃ:266)

ଏହି ଆୟତର ଅନୁବାଦ ହେଉଛି ଏପରି ଏବଂ ଯେଉଁମାନେ ଅଲ୍ଲାଃଙ୍କର ପ୍ରୀତିଭାଜନ ହେବା ପାଇଁ ଓ ନିଜକୁ ସୁଦୃଢ଼ କରିବା ପାଇଁ ନିଜ ଧନ ବ୍ୟୟ କରନ୍ତି, ସେମାନଙ୍କ ବ୍ୟୟର ଉପମା ଉଚ୍ଚ ଭୂମି ଉପରେ ଥିବା ଏକ ଉଦ୍ୟାନର ଅବସ୍ଥା ସଦୃଶ ଯେଉଁଠାରେ ବହୁଳ ବୃଷ୍ଟି ହେଲେ ତାହା ଦୁଇଗୁଣ ଫଳ ଦେଇଥାଏ ଏବଂ ବହୁଳ ବୃଷ୍ଟି ନ ହେଲେ ଅଳ୍ପ ବୃଷ୍ଟି ହିଁ (ତାହା ପାଇଁ ଯଥେଷ୍ଟ) ଏବଂ ତୁମେମାନେ ଯାହା କରୁଅଛ ଅଲ୍ଲାଃ ତାହା ଦେଖୁଅଛନ୍ତି । *(ସୁରଃ ଅଲ୍‌ବକ୍‌ରାଃ:୨୬୬)*

ସେଥିଅନ୍ତେ ପ୍ରିୟ ହଜୁର ଅନଓ୍ୱର[ଅ:ବ] କହିଲେ ଏହି ଆୟତରେ ଅଲ୍ଲାଃ ତାଲା ମୋମିନ୍‌ମାନଙ୍କୁ ଅଲ୍ଲାଃଙ୍କ ମାର୍ଗରେ ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଖର୍ଚ୍ଚ କରିବାର ଛବି ଆଙ୍କିଛନ୍ତି ଯେ ଏମାନେ ହେଉଛନ୍ତି ଏପରି ଲୋକ ଯେଉଁମାନେ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରି ତାହାଙ୍କ ମାର୍ଗରେ ଏଥିସକାଶେ ଖର୍ଚ୍ଚ କରିଥାନ୍ତି କି ଏତଦ୍ ଦ୍ୱାରା ସେମାନେ କେବଳ ଅଲ୍ଲାଃଙ୍କ ପ୍ରୀତିଭାଜନ ଓ ପ୍ରସନ୍ନତା ହାସଲକାରୀଙ୍କ ମଧ୍ୟରେ ସାମିଲ ହେବେ ନାହିଁ ବରଂ ନିଜ ଓ ନିଜ ଗୋଷ୍ଠୀର ଲକ୍ଷ ପୂରଣ କରି ଏହାକୁ ସୁଦୃଢ଼ କରିବେ । ସାମ୍ପ୍ରତିକ ଯୁଗରେ ଇସଲାମୀୟ ଶିକ୍ଷା ଓ ପ୍ରଚାର କାର୍ଯ୍ୟର ଦାୟିତ୍ୱ ହଜରତ ମସିହ ମଉଦ ଆ:ସଙ୍କ ଉପରେ ନ୍ୟସ୍ତ କରାଯାଇଛି । ଅତଏବ ବର୍ତମାନ ଆପଣଙ୍କ ମାନ୍ୟକାରୀମାନଙ୍କ ଅର୍ଥାତ ଅନୁଗାମୀମାନଙ୍କର କର୍ତବ୍ୟ ହେଉଛି ଏହା କି ସେମାନେ ହଜରତ ମସିହ୍ ମଉଦ୍ ଆ:ସଙ୍କ ମିଶନ୍‌କୁ ପୂରଣ କରିବା ସକାଶେ ନିଜ ଧନଜୀବନ ଓ ସମୟର ବଳିଦାନ କରିବାରେ ପରସ୍ପର ଠାରୁ ଆଗକୁ ବଢିଯିବାକୁ ଚେଷ୍ଟା କରନ୍ତୁ । ପ୍ରତ୍ୟେକ ଯୁଗରେ ତଥା ପ୍ରତ୍ୟେକ ଜାତିରେ ଆସିଥିବା ସମସ୍ତ ଅବତାରଗଣ ନିଜ ନିଜର ଅନୁଗାମୀମାନଙ୍କୁ ଅର୍ଥଦାନ କରିବାକୁ ପ୍ରୋତ୍ସାହିତ କରି ଆସିଛନ୍ତି । ତେଣୁ ହଜରତ ମସିହ ମଉଦ ଆ:ସ ମଧ୍ୟ ବିଶ୍ୱାସକାରୀମାନଙ୍କୁ ଧର୍ମ ମାର୍ଗରେ ଅର୍ଥଦାନ କରିବାକୁ ଅନୁପ୍ରାଣିତ କରିଛନ୍ତି । ଓ ଏ ଆଦେଶ ଦେଇଛନ୍ତି ଯେ ତୁମମାନଙ୍କୁ ଧର୍ମର ସେବାକାର୍ଯ୍ୟ ନିମନ୍ତେ ଧର୍ମ ମାର୍ଗରେ ନିଜ ଅର୍ଜିତ ଧନରୁ କିଛି ଭାଗ ଦେବା ଉଚିତ । ତା'ପରେ ପୁଣି ପ୍ରକୃତ ବିଶ୍ୱାସର ଠିକଣା ମିଳିଥାଏ । ଜଣେ ମୋମିନ୍ ନିଶ୍ଚିତ ରୂପେ ଧର୍ମ ଖାତିର୍ ମାଲି କୁର୍ବାନୀ କରିଥାଏ ଏବଂ ବଳିଦାନର ଉଦ୍ଦେଶ୍ୟ କାହା ଉପରେ ଦୟା କରିବା ପାଇଁ ନଥାଏ ବରଂ ଏଥିରେ ଏ ଇଚ୍ଛା ନିହିତ ଥାଏ ଯେ କିପରି ଆମର ପାଳନକର୍ତା ଆମ ଉପରେ ପ୍ରସନ୍ନିତ ହେବେ ଏବଂ ଆମକୁ ବିଶ୍ୱାସରେ ଅଧିକ ଦୃଢତା ପ୍ରଦାନ କରିବେ । ଆମ ବିଶ୍ୱାସ ଓ ଆସ୍ଥା ଦୃଢୀଭୂତ ହେବ ଓ ଆମ କୌମ / ସମ୍ପ୍ରଦାୟ ଉନ୍ନତି କରିବ । ଆମେ ଯଥାସମ୍ଭବ ଆମ ଧନ/ମାଲ୍ ଦ୍ୱାରା ମଧ୍ୟ ଦୂର୍ବଳ ଲୋକମାନଙ୍କୁ ସାହାଯ୍ୟ କରିପାରିବା । ଆମେ ଯେଉଁ ଉଦ୍ଦେଶ୍ୟ ପାଇଁ ଏ ଯୁଗର ଇମାମ୍ ଓ ଆଁ ହଜରତ ସ:ଆ:ସଙ୍କ ସଚ୍ଚା ଗୁଲାମ୍‌ଙ୍କ ହାତରେ ବୟତ କରିଅଛେ, ତାହାକୁ ଆମେ ହାସଲ କରିପାରିବା ।

ଅତଏବ୍ ଏହିପରି କା ଲୋକମାନେ ନିଜର ମାନସିକ ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରହି ଚିନ୍ତା କରିଥାନ୍ତି । ସେମାନଙ୍କର ମନ ସେମାନଙ୍କୁ କୁର୍ବାନୀ (ବଳିଦାନ) କରି ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପ୍ରତି ଧ୍ୟାନ ଆକର୍ଷଣ କରିଥାଏ । ପୁଣି ସେମାନେ ବଳିଦାନର ଉଚ୍ଚସ୍ତରକୁ ପ୍ରାପ୍ତ କରିଥାନ୍ତି ବା ପ୍ରାପ୍ତ କରିବା ପାଇଁ ଚେଷ୍ଟା କରିଥାନ୍ତି । ଅଲ୍ଲାଃ ତାଲା ବି ଏହିପରି ଲୋକମାନଙ୍କର ବଳିଦାନକୁ ଗ୍ରହଣ କରିଥାନ୍ତି ଓ ସେମାନଙ୍କୁ ନିଜର କୃପା ପ୍ରଦାନ କରିଥାନ୍ତି ।

ଅଲ୍ଲାଃ ତାଲା ଆମ ହୃଦୟର କଥାକୁ ଜାଣିଛନ୍ତି, ଆମ ନିୟତ୍ କୁ ଜାଣିଛନ୍ତି । ତେଣୁ ସେ ଏହା ଦେଖି ନଥାନ୍ତି ଯେ କିଏ ବଡ଼ ବଳିଦାନ ଦେଇଛି ଓ କିଏ ଛୋଟ । ବଡ଼ ଅଙ୍କର ଅର୍ଥ ଦେଇଛି ବା ଅଳ୍ପ ବରଂ ଅଲ୍ଲାଃ ତାଲା ନିୟତ ମୁତାବକ ଫଳ ଦେଇଥାନ୍ତି । ଅତଏବ ଆଲୋଚ୍ୟ ଆୟତରେ ଅଲ୍ଲାଃତାଲାଙ୍କ ସକାଶେ ଖର୍ଚ୍ଚ କରୁଥିବା ଲୋକମାନଙ୍କ ଉଦାହରଣ ଦୁଇ ପ୍ରକାରର ବର୍ଣ୍ଣନା କରାଯାଇଛି । ଗୋଟିଏ ୱାବିଲୁନ୍ ଅର୍ଥାତ ବଡ଼ ବଡ଼ ବର୍ଷାବୁନ୍ଦା ଏବଂ ଦ୍ୱିତୀୟ ପ୍ରକାର ତଲ୍ଲୁନ୍ ଅର୍ଥାତ ସାମାନ୍ୟ ଧରଣର ବର୍ଷାଜଳ ଯେପରିକି କାକର ବୁନ୍ଦା । ଧନବାନ ବ୍ୟକ୍ତିମାନେ ତ ଧର୍ମ ମାର୍ଗରେ ବେଶ୍ ଅର୍ଥଦାନ କରିଥାନ୍ତି ବା କରିପାରିବେ କିନ୍ତୁ ଗରିବ ଲୋକ ନିଜ ମନରେ ଏହି ଅଭିଳାଷା ପୋଷଣ କରିଥାଏ ଯେ ଇଏ (ଅର୍ଥାତ ଧନୀ ଲୋକଟି) ତ ଖର୍ଚ୍ଚ କରି ଆର୍ଥିକ ବଳିଦାନରେ ଆଗକୁ ବଢୁଅଛି । ଧନୀ ଲୋକଟି ବଡ଼ ବଡ଼ ମୋଟା ଅଙ୍କର ବଳିଦାନ କରି ଅଲ୍ଲାଃଙ୍କ ସାନ୍ନିଧ ପ୍ରାପ୍ତ କରିଚାଲିଛି ଓ ତାହାର ପ୍ରସନ୍ନତା ପ୍ରାପ୍ତ କରି ଚାଲିଛି ବା ପ୍ରାପ୍ତ କରିବା ପାଇଁ ଚେଷ୍ଟା ଚଳାଇଛି କିନ୍ତୁ ମୋ ନିକଟରେ ତ ମାମୁଲି ଅଳ୍ପ କିଛି ଧନ ଅଛି, ମୁଁ କିପରି ତା ସହିତ ସମାନ ହୋଇପାରିବି ? ଅର୍ଥାତ:- ମୁଁ କିପରି (ଧର୍ମ ମାର୍ଗରେ ଖର୍ଚ୍ଚ କରିବାରେ) ସେମାନଙ୍କ ପରି ହୋଇପାରିବି ? ଏଥିରେ ଅଲ୍ଲାଃ ତାଲା କହିଲେ ଯେ ଯେଉଁଭଳି ଉର୍ବର ଜମି ପାଇଁ ଅଳ୍ପ ବର୍ଷା କିମ୍ବା କାକର ବୁନ୍ଦା ଦ୍ୱାରା ଲାଭ ପହଂଚିଥାଏ ସେହିଭଳି ସ୍ୱଚ୍ଛଳ ନଥିବା ଲୋକମାନଙ୍କର ଅଳ୍ପ କିଛି ବଳିଦାନ ବି ତଲ୍ଲୁନ୍ ଅର୍ଥାତ କାକର ବୁନ୍ଦା ଭଳି କାମ ଦେଇଥାଏ ଓ ସେହି ଅଳ୍ପ କିଛି ବଳିଦାନ ମଧ୍ୟ ଫୁଲ ଫଳ ଆଣିବାରେ କିଛି କମ୍ ଗୁରୁତ୍ୱ ବହନ କରିନଥାଏ । ବଳିଦାନର ସୁଫଳ ପ୍ରଭୁ ହିଁ ପ୍ରଦାନ କରିଥାନ୍ତି । ଅଲ୍ଲାଃତାଲା ତୁମ ଅବସ୍ଥା ଓ ତୁମ ନିୟତ (ଉଦ୍ଦେଶ୍ୟ) ସମ୍ପର୍କରେ ପୂର୍ଣ୍ଣ ଅବଗତ । ଏଥିସକାଶେ ତୁମର ତାଙ୍କ ମାର୍ଗରେ ସ୍ୱଚ୍ଛ ଖର୍ଚ୍ଚ କରିବାର ମଧ୍ୟ ସେ ତୁମକୁ ଦୁଇ ଗୁଣ କରି ପ୍ରତିଫଳ ପ୍ରଦାନ କରିଥାନ୍ତି ।

ଏକଦା ହଜରତ ମୁହମ୍ମଦ ସ:ଆ:ସ କହିଲେ; **ଆଜି ଗୋଟିଏ ଦିରହମ୍ ଏକ ଲକ୍ଷ ଦିରହମ୍ ଠାରୁ ଅଗ୍ରାଧିକାର ହାସଲ କରିନେଲା ।** (ଅର୍ଥାତ ଗୋଟିଏ ଦିରହମ୍‌ର ମୂଲ୍ୟ ଏକ ଲକ୍ଷ ଦିରହମ୍‌ର ମୂଲ୍ୟଠାରୁ ଅଧିକା ହୋଇଗଲା) ସାହାବାଗଣ ଆଶ୍ଚର୍ଯ୍ୟତ ହୋଇ ପ୍ରଶ୍ନ କଲେ, ହଜୁର ଏହା କିପରି ହେଲା ? ହଜୁର ସ:ଆ:ସ ଉତର ଦେଲେ, ଜଣେ ବ୍ୟକ୍ତି ନିକଟରେ ଦୁଇଟି ଦିରହମ୍ ଥିଲା । ସେଥିରୁ ସେ ଗୋଟିଏ ଦିରହମ୍ ଦାନ କରିଦେଲେ । ଆଉ ଜଣେ ବ୍ୟକ୍ତି ନିକଟରେ ଅଜସ୍ର ଧନସମ୍ପତି ରହିଥିଲା, ସେଥି ମଧ୍ୟରୁ ସେ ଏକ ଲକ୍ଷ ଦିରହମ୍ ଦାନ କଲେ । ***(ସୁନନେ ନସାଇ କିତାବୁଲ୍ ଜକାତ୍...... ହଦିସ୍-୨୫୨୮)***

ତାଙ୍କର ଏକ ଲକ୍ଷ ଦିରହମ୍‌ର ବଳିଦାନ ତାଙ୍କ ଧନ ଦଉଲତ ଅନୁପାତରେ ବହୁତ କମ୍ ଥିଲା ଅର୍ଥାତ ତାଙ୍କର ନିଜ ସମ୍ପତି ତୁଳନାରେ ଅତି ନଗନ୍ୟ ରାଶି ଥିଲା । ବସ୍ତୁତଃ ଅଲ୍ଲାଃତାଲା ନିୟତ ଆଧାରରେ ପ୍ରତିଫଳ ପ୍ରଦାନ କରିଥାନ୍ତି ଏଠାରେ ଅଲ୍ଲାଃ ତାଲା ଗରୀବ ଲୋକଟିକୁ ମଧ୍ୟ ସାନ୍ତ୍ୱନା ଦେଇଛନ୍ତି ଯେ ଏକଥା ଭାବନାହିଁ କି ତୁମର ଅଳ୍ପ କିଛି ବଳିଦାନ କରିବା କିଛି ମୂଲ୍ୟ ନାହିଁ ବରଂ ଏହି ଅଳ୍ପ କିଛିଟା ବଳିଦାନ ମଧ୍ୟ ଯେଉଁଠି ତୁମ ଇମାନ୍ (ବିଶ୍ୱାସ)କୁ ଦୃଢ଼ିଭୂତ କରିବ ସେଠାରେ ତାହା ଜମାଅତ୍‌ର ମଜଭୁତିର କାରଣ ମଧ୍ୟ ହେବ । ଅତଏବ ଅଲ୍ଲାଃଙ୍କ ଖାତିର୍ ଉତ୍ସାହିତ ତଥା ଆବେଗପୂର୍ଣ୍ଣ ବଳିଦାନ ହିଁ ଅଲ୍ଲାଃ ତାଲାଙ୍କ କୃପାକୁ ଟାଣି ଆଣିଥାଏ । ।

ଆମର ପ୍ରତ୍ୟେକ କାର୍ଯ୍ୟକୁ ଅଲ୍ଲାଃ ଦେଖୁଛନ୍ତି । ତେଣୁ ସେହି ଉଦ୍ଦେଶ୍ୟକୁ ଆମେ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ ଯେ ଯଦି ଆମର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହିଁ ସମ୍ପାଦିତ ହୁଏ ତେବେ ଆମେ ସୁନିଶ୍ଚିତ ରୂପେ ତାଙ୍କ କୃପା ଲାଭ କରିବାର ପ୍ରକୃତ ଉତରାଧିକାରୀ ହୋଇପାରିବା । ହଜରତ ମସିହ ମଉଦ ଆ:ସଙ୍କ କାଳରେ ଅଧିକାଂଶ ଲୋକ ଯେଉଁମାନେ ଆପଣ ଆ:ସଙ୍କୁ ମାନିଥିଲେ ଗରିବ ଶ୍ରେଣୀର ଥିଲେ କିନ୍ତୁ ବଳିଦାନ କରିବାରେ ଏଭଳି ଆଗରେ ରହିଥିଲେ, ଯେ ଏକଦା ଆପଣ ସ:ଆ:ସ ସେମାନଙ୍କୁ ପ୍ରଶଂସା କରି କହିଲେ; ଯେ ମୁଁ ଏକଥା ଦେଖୁଅଛି ଯେ ଆମ ଜମାଅତରେ ସହସ୍ର ଲୋକ ଏପରି ଅଛନ୍ତି ଯେଉଁମାନଙ୍କ ନିକଟରେ ନିଜ ଶରୀର ଢାଙ୍କିବାକୁ ବସ୍ତ୍ର ଖରିଦ୍ କରିବାର ମଧ୍ୟ ସମ୍ବଳ ନାହିଁ । ବହୁ କଷ୍ଟରେ ଚଦର ଅବା ପାଇଜାମାର ବ୍ୟବସ୍ଥା କରିଥାନ୍ତି ସେମାନଙ୍କର କୌଣସି ଧନ ସମ୍ପତି ନାହିଁ କିନ୍ତୁ ସେମାନଙ୍କର ଅସୀମ ଆନ୍ତରିକତା ଓ ନିଷ୍ଠା, ପ୍ରେମ ଓ ବିଶ୍ୱସ୍ତତା ଦ୍ୱାରା ଆମେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ଯାହା

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

ସେମାନଙ୍କ ଦ୍ୱାରା ସମୟ ସମୟରେ ପ୍ରକାଶ ହେଉଅଛି ବା ଯାହାର ଚିହ୍ନ ସେମାନଙ୍କ ମୁହଁରୁ ସ୍ପଷ୍ଟ ହୋଇଥାଏ । ସେମାନେ ନିଜ ବିଶ୍ୱାସରେ ଏତେ ମାତ୍ରାରେ ଦୃଢ଼, ସଚ୍ଚା ତଥା ସତ୍ୟ ଓ ସତ୍ୟତା ପ୍ରତି ଏତେ ଆନ୍ତରିକ ଓ ବିଶ୍ୱସ୍ତ ଥାନ୍ତି ଯେ ଯଦି ଧନବାନ ଲୋକେ, ଓ ସାଂସାରିକ ଭୋଗ ବିଳାସକୁ ପସନ୍ଦ କରୁଥିବା ଲୋକମାନଙ୍କୁ ସେହି ଆନନ୍ଦ ବିଷୟରେ ଜଣାପଡ଼ିଥାଏ, ତା'ହେଲେ ସେମାନେ ତା ପ୍ରତିବଦଳରେ ଏହା ସବୁ କିଛି ଦେଇ ଦେବା ପାଇଁ ପ୍ରସ୍ତୁତ ହୋଇଯିବେ ।" ***(ମଲଫୁଜାତ୍, ଖଣ୍ଡ-୧୦, ପୃ-୩୦୬-୩୦୭)***

ପୁଣି ଆଉ ଏକ ସ୍ଥାନରେ ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:- "ଆମେ ଦେଖୁଅଛୁ ଯେ ଏହି ଜମାତ୍ ଆନ୍ତରିକତା ଏବଂ ପ୍ରେମରେ ଉଲ୍ଲେଖନୀୟ ଅଗ୍ରଗତି କରିଚାଲିଛି । ବେଳେ ବେଳେ ଜାମତ୍ର ଆନ୍ତରିକତା, ପ୍ରେମ ଏବଂ ଉତ୍ସାହକୁ ଦେଖି ଆମେ ଆଶ୍ଚର୍ଯ୍ୟ ହେଉଅଛୁ । । ଏପରିକି ତାହା ଦେଖି ଆମ ଶତ୍ରୁମାନେ ମଧ୍ୟ ଆଚମ୍ବିତ ହୋଇଥାନ୍ତି" । ***(ମଲଫୁଜାତ୍, ଖଣ୍ଡ-୧୦, ପୃ-୩୩୪)***

ଅତଏବ ଆସ୍ଥା ଓ ନିଷ୍ଠାପରତାରେ ଉନ୍ନତି ତଥା ଉତ୍ସାହ ପୂର୍ଣ୍ଣ ବିଶ୍ୱାସରେ ଅଭୁତପୂର୍ବ ରୂପେ ଉଚ୍ଚ ସ୍ତର ହାସଲ କରିବାର ନମୁନା ଆଜି ମଧ୍ୟ ହଜରତ ମସିହ ମଉଦ ଆ:ସଙ୍କ ଜମାଅତରେ ଦେଖିବାକୁ ମିଳୁଅଛି ବରଂ ନବାଗତ ଅହେମଦିମାନେ ମଧ୍ୟ ଖୁବ୍ କମ୍ ସମୟରେ ଏଭଳି ଉନ୍ନତି ଲାଭ କରି ନିଜ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି କରୁଛନ୍ତି ଏବେ ସେହି ନୌ ମୁବାଇନ୍ (ଅର୍ଥାତ ନବାଗତ ଅହେମଦୀମାନଙ୍କର) ତରବିୟତକୁ ଅଳ୍ପ କିଛି ସମୟ ବିତିଛି ଯେ, ବଡ଼ ଆଶ୍ଚର୍ଯ୍ୟ ଲାଗୁଛି କି ଅଳ୍ପ କେତେ ଦିନ ମଧ୍ୟରେ ସେମାନେ ଏପରି ଉନ୍ନତିର ସ୍ତରକୁ ପ୍ରାପ୍ତ କରିସାରିଛନ୍ତି କିନ୍ତୁ ଆଁ ହଜରତ ସ:ଆ:ସଙ୍କ ସଚ୍ଚା ଗୁଲାମ୍ଙ୍କ ସହିତ ପ୍ରେମର ସମ୍ପର୍କ, ଖିଲାଫତ୍ ସହିତ ଭକ୍ତି ଓ ଆନ୍ତରିକତାର ସ୍ତର ଏପରି ହୋଇଯାଇଛି ଯେ ଯେଉଁଭଳି ହଜରତ ମସିହ୍ ମଉଦ୍ ଆ:ସ କହିଲେ ଯେ ଯାହାକୁ ଦେଖି ଶତ୍ରୁ ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି । ଏହା କଣ ଜିନିଷ, ଯାହା ଏମାନଙ୍କ ମଧ୍ୟରେ ପରିବର୍ତନ ସୃଷ୍ଟି କରିଦେଲା । ଏହା ନିଶ୍ଚିତ ରୂପେ ସେମାନଙ୍କ ଉପରେ ଅଲ୍ଲାଃ ତାଲାଙ୍କ କୃପା, ଯାହା ସେ ସେମାନଙ୍କର ପୂଣ୍ୟ ସ୍ୱଭାବ ଓ ନିର୍ମଳ ହୃଦୟକୁ ଦେଖି ପ୍ରଦାନ କରିଛନ୍ତି ।

ଏପରି ପୂଣ୍ୟ ସ୍ୱଭାବୀ ଓ ପବିତ୍ର ସ୍ୱଭାବୀ ହେବା ତଥା ବୈଅତର କର୍ତବ୍ୟ ସମ୍ପାଦନ କରିବା ଓ ଉପସ୍ଥିତ ଖଲିଫାଙ୍କ ସହିତ ବିଶ୍ୱସ୍ତତା ପ୍ରଦର୍ଶନ କରିବାର ପ୍ରମାଣ ସେମାନଙ୍କର ଧର୍ମ ମାର୍ଗରେ ଅର୍ଥଦାନ କରିବାରୁ ପ୍ରତିପାଦିତ ହେଉଛି । ଏମାନେ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରି ଅଲ୍ଲାଃତାଲାଙ୍କ ଅନୁଗ୍ରହ ଲାଭ କରିବାରେ ପରସ୍ପର ଠାରୁ ଆଗକୁ ବଢିଯିବାକୁ ପୂର୍ଣ୍ଣ ପ୍ରୟାସ କରୁଛନ୍ତି ।

ଆଜି ଏ ଦୁନିଆରେ ଲୋକମାନେ ବସ୍ତୁବାଦୀ ସଂସାରରେ ବୁଡ଼ି ହୋଇ ରହିଛନ୍ତି କିନ୍ତୁ ଏହି (ଅହେମଦୀ/ନୂଆ ଅହେମଦୀ) ଲୋକମାନେ ଆର୍ଥିକ ବଳିଦାନ କରି ଜଣେ ଅନ୍ୟ ଜଣଙ୍କଠାରୁ ଆଗକୁ ବଳିଯିବା ପାଇଁ ଚେଷ୍ଟା କରୁଛନ୍ତି ଯଦ୍ୱାରା ଅଲ୍ଲାଃଙ୍କ ସାନ୍ନିଧ ହାସଲ କରିପାରିବେ କାରଣ ସେମାନଙ୍କୁ ଏହା ହୃଦୟଙ୍ଗମ ହୋଇସାରିଛି ଯେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ପ୍ରାପ୍ତ କରିବା ପାଇଁ ଗୋଟିଏ ସାଧନ ହେଉଛି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା । ଆଜି ଏହି ଜାମଅତ୍ ସମ୍ବନ୍ଧରେ, ଯେଉଁ ଜମାତ୍କୁ ହଜରତ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ଈଶ୍ୱରଙ୍କ ପ୍ରତିଶ୍ରୁତି ମୁତାବକ ସ୍ଥାପନ କରାଯାଇଅଛି, କିଏ ଅଛି ଏହା କହିପାରିବ ଯେ ଏହା ଦୁର୍ବଳ ହେଉଅଛି ?

ଏହି ଜମାଅତ୍ ତ ସ୍ଥାପନ ଏଥିପାଇଁ ହୋଇଛି ଯେ ତାହା ବଢ଼ି ଚାଲିବ ଓ ପ୍ରସାର କରିଚାଲିବ । ବର୍ତମାନ ଶତ୍ରୁ ଶତ ଚେଷ୍ଟା କଲେ ମଧ୍ୟ ଆମର ତିଳେ ମାତ୍ର ଅନିଷ୍ଟ କରିପାରିବ ନାହିଁ । ଅଲ୍ଲାଃଙ୍କ କୃପାରୁ ଏହା ବଢ଼ିଚାଲିଛି ଓ ପ୍ରସାର ହୋଇଚାଲିଛି ।

ଏଠାରେ ମାଲି କୁର୍ବାନୀ (ଆର୍ଥିକ ବଳିଦାନ) ବିଷୟରେ ଚର୍ଚ୍ଚା ଚାଲିଛି । ଏ ପ୍ରସଙ୍ଗରେ କିଛି ଘଟଣା ଏଠାରେ ମୁଁ ଉପସ୍ଥାପନ କରୁଅଛି ଯେ କିପରି ଲୋକମାନେ ବଳିଦାନ ଦେଇ ନିଜର ବିଶ୍ୱାସ ତଥା ଆସ୍ଥାର ପ୍ରକାଶ କରୁଛନ୍ତି । ପୁଣି ଅଲ୍ଲାଃ ତାଲା ବି ସେମାନଙ୍କ ବିଶ୍ୱାସକୁ କିପରି ସୁଦୃଢ଼ କରିଚାଲିଛନ୍ତି ।

ସିରିଆଲୋନ୍ ହେଉଛି ଆଫ୍ରୀକୀୟ ଦେଶ ମଧ୍ୟରୁ ଗୋଟିଏ ଦେଶ । ସେହି ସିରିଆଲୋନ୍ ଦେଶରେ ବହୁତ ଦୂର ଦୂରାନ୍ତ ଇଲାକାରେ ଜରେ ବ୍ୟକ୍ତି ଅଛନ୍ତି । ତାଙ୍କ ସମ୍ବନ୍ଧରେ ସେଠିକାର ଲୋକାଲ୍ ମିଶ୍ନାରୀ ସାହେବ ଉଲ୍ଲେଖ କରିଛନ୍ତି ଯେ ସେ ଯେତେବେଳେ ତାଙ୍କ ନିକଟକୁ ଦୌରା (ଗସ୍ତ) କଲେ, ସେତେବେଳେ ମାସ ଶେଷ ହେବାକୁ ଯାଉଥିଲା । ସେଠାରେ ଗୋଟିଏ ଜମାଅତ୍ର ଲୋକମାନଙ୍କୁ ୱ୍କଫେ ଜଦିଦ୍ ଚାନ୍ଦା ପ୍ରତି ଧ୍ୟାନ ଆକର୍ଷଣ କରାଇଲି । ଲୋକମାନେ ମସ୍ଜିଦ୍ରେ ଉପସ୍ଥିତ ଥିଲେ । ସେଠିକାର ଇମାମ୍ ଶେଖ୍ ଉସ୍ମାନ୍ ସାହେବ ଚାନ୍ଦା ଦେବା ପାଇଁ ଯେଉଁ ଅର୍ଥରାଶି ଏକାଠି କରି ରଖିଥିଲେ, ତାହା ଦେଲେ ଓ କହିଲେ ଯେ ଆମେ ଆମର ୱାଦା (ପ୍ରତିଶ୍ରୁତି) ପୂରଣ କରିପାରିଲୁ ନାହିଁ । ଆମର ଏ ଆନ୍ତରିକ ଇଚ୍ଛା ଯେ ଆମେ ଆମ ଟାରଗେଟ୍ (ଲକ୍ଷ୍ୟ) ଓ ପ୍ରତିଶ୍ରୁତି କୁ ପୂରଣ କରିବୁ । ବର୍ତମାନ ତ କୌଣସି ଜରିଆ ତଥା ରାସ୍ତା ଦେଖାଯାଉନାହିଁ । ସେ ଯାହା ହେଉ ସେମାନେ ମୁଅଲ୍ଲିମ୍ ସାହେବଙ୍କୁ ଏଥି ସକାଶେ ଦୁଆ କରିବା ପାଇଁ କହିଲେ । ଲୋକଲ୍ ମିଶ୍ନାରୀ ଉଲ୍ଲେଖ କରିଛନ୍ତି: ଯେ ମୁଁ ଦୁଆ କରାଇଲି ଓ ସମସ୍ତେ ଉଚ୍ଚ ସ୍ୱରରେ ଆମିନ୍ କହିଲେ । ତା'ପରେ ମୁଁ ମୋଟର ସାଇକେଲ୍ରେ ବସି ମୋ ନିଜ ମିଶନ୍ ହାଉସ୍କୁ ଚାଲି ଆସିଲି । ସେ କହନ୍ତି ଏବେ ମୁଁ ମିଶନ ହାଉସ୍ଠାରେ ପହଂଚି ନଥିଲି ଯେ ସେହି ଇମାମ୍ଙ୍କର ମୋ ପାଖକୁ ଫୋନ୍ ଆସିଗଲା ଯେ, ମୁଁ ଆପଣଙ୍କ ସହିତ ସାକ୍ଷାତ କରିବା ପାଇଁ ମିଶନ୍ ହାଉସ୍ ଆସୁଅଛି । ଏହା ଶୁଣି ମୁଁ ବହୁତ ଆଶ୍ଚର୍ଯ୍ୟ ହେଲି ଯେ ଏବେ ଏବେ ତ ମୁଁ ସେଠାରୁ ଆସୁଅଛି ଓ ସାଙ୍ଗେ ସାଙ୍ଗେ ମତେ ସେଠାରୁ ଫୋନ୍ ବି ଆସିଗଲା । ଯେତେବେଳେ ସେହି ଲୋକାଲ୍ ଇମାମ୍ ଜଣକ ମୋ ନିକଟରେ ପହଂଚିଲେ, କହିଲେ, ଆମେ ଯେଉଁ ଦୁଆ କରିଥିଲୁ, ତା'ର ପ୍ରଭାବ ଏହା ହେଲା ଯେ ଅଳ୍ପ ସମୟ ପରେ ମୋର ଜଣେ ନିକଟ ସମ୍ପର୍କୀୟ ଆସିଲେ, ନିଜ ପକେଟ୍ ଭିତରେ ହାତ ପୁରାଇ ଏକ ଲକ୍ଷ ଲିଓନ ମୋ ହାତରେ ରଖିଦେଲେ ଓ କୌଣସି ଏକ ପ୍ରସଙ୍ଗରେ ମତେ ଦୁଆ କରିବା ପାଇଁ ନିବେଦନ କଲେ । ଏହା ଦେଖି ମୁଁ ସେଠାରେ ଅଲ୍ଲାହୁ ଅକ୍ବର୍ (ଅର୍ଥାତ ଅଲ୍ଲାଃ ହିଁ ସମସ୍ତଙ୍କଠାରୁ ବଡ଼) ବଡ଼ ପାଟିରେ ସ୍ଲୋଗାନ ଦେବାକୁ ଲାଗିଲି । ସେହି ଲୋକ ଜଣକ ଏଥିରେ ଆଶ୍ଚର୍ଯ୍ୟ ହୋଇ କହିଲା ଯେ ତୁମକୁ କଣ ହେଲା ? ମୁଁ ତାକୁ ବତାଇଲି ଯେ ଆମ ୱ୍କଫେ ଜଦିଦ୍ର ଚାନ୍ଦା ପାଇଁ ଆମେ ଗୋଟିଏ ପ୍ରତିଶ୍ରୁତି ଦେଇଥିଲୁ (ଅର୍ଥାତ ୱାଦା କରିଥିଲୁ) । ତାହା ପୂରଣ କରିବା ପାଇଁ କିଛି ଅର୍ଥରାଶି ବାକି ରହିଯାଇଥିଲା । ଏବେ ଆମେମାନେ ସେଥିଯୋଗୁଁ ଦୁଆ (ପ୍ରାର୍ଥନା) କରି ଉଠିଥିଲୁ କି ନାହିଁ ଅଲ୍ଲାଃ ତାଲା ତୁମକୁ ପଠାଇ ଦେଲେ ଓ ଏହି ଅର୍ଥରାଶି ତୁମେ ମେତ ଦେଇଦେଲ । ପୁଣି ଇମାମ୍ ଶେଖ୍ ଉସ୍ମାନ୍ ସେହି ସମସ୍ତ ଅର୍ଥ ରାଶି, ଏକ ଲକ୍ଷ ଲିଓନ୍ ତତ୍କ୍ଷଣାତ୍ ଆସି ୱ୍କଫେ ଜଦିଦ୍ରେ ଦେଇଦେଲେ । ସେହି ଟଙ୍କା ସେମାନଙ୍କ ଅନୁସାରେ ବହୁତ ବଡ଼ ବଳିଦାନ ଥିଲା ଯଦିଓ ଆମ ହିସାବରେ ତାଙ୍କର ସେହି ଅର୍ଥ ମୂଲ୍ୟ ହିସାବରେ କମ୍ ହେଉଛି । (କାରଣ ପାଉଣ୍ଡର ମୂଲ୍ୟ ଲିଓନ୍ଠାରୁ ବେଶ୍ ଅଧିକ-ଅନୁବାଦକ) । ଯଦି ସେହି ଅର୍ଥରାଶିକୁ ବଦଳ କରାଯାଏ, ତା'ହେଲେ କେବଳ ସାଢ଼େ ଛଅ ପାଉଣ୍ଡ ହେବ । କିନ୍ତୁ ତାହା ତାଙ୍କର ବହୁତ ବଡ଼ ବଳିଦାନ ଥିଲା । ଯାହା ଅଲ୍ଲାଃଙ୍କ କୃପାକୁ ଟାଣିଆଣିଥାଏ । ଏହା ତାଙ୍କର ଆନ୍ତରିକତା ଯେ ନିଜର ଆବଶ୍ୟକତା ଥିବା ସତ୍ତ୍ୱେ ମଧ୍ୟ, ଯାହା କିଛି ଉପହାରରେ ତାଙ୍କୁ ମିଳିଲା, ସେ ତାକୁ ନିଜ ନିକଟରେ ନ ରଖି ତତ୍କ୍ଷଣାତ୍ ଆସି ଚାନ୍ଦାରେ ଜମା କରିଦେଲେ । ଏହା ହେଉଛି ସେହି ଉଦାହରଣ ଯେଉଁଠି ଗୋଟିଏ ଦିର୍ହମ୍ ଏକ ଲକ୍ଷ ଦିର୍ହମ୍ଠାରୁ ବଳିଯାଇଥାଏ ।

ନିଶ୍ଚିତ ରୂପେ ଅଲ୍ଲାଃ ତାଲା ତାଙ୍କ ଉପରେ ନିଜ ପ୍ରେମପୂର୍ଣ୍ଣ ଦୃଷ୍ଟି ପକାଇଥିବେ । ପୁଣି ଦେଖନ୍ତୁ ବଳିଦାନର ଏହି ସ୍ତର କେବଳ ଗୋଟିଏ ଯାଗାରେ ମିଳେନାହିଁ, କେବଳ ପୁରୁଷମାନଙ୍କ ମଧ୍ୟରେ ସିମୀତ ନୁହେଁ ବରଂ ଏହା ମହିଳା ମାନଙ୍କ ମଧ୍ୟରେ ମଧ୍ୟ ମିଳୁଅଛି ।

ଚାଡ୍ ହେଉଛି ଗୋଟିଏ ଦେଶର ନାମ । ସେଠାରେ ମଧ୍ୟ ଅଲ୍ଲାଃଙ୍କ କୃପାରୁ ବଡ଼ ବଡ଼ ନିଷ୍ଠାବାନ ବ୍ୟକ୍ତି ଆମ ଜମାତ୍ରେ ସୃଷ୍ଟି ହେଉଛନ୍ତି । ଚାଡ୍ ଦେଶରେ ଥିବା ଜମାତ୍ଗୁଡ଼ିକରେ ଅଧିକାଂଶ ଲୋକେ ନୌ ମୁବାଇନ୍ (ନୂଆ ଅହେମଦୀ) ଅଟନ୍ତି । ସେଠାକାର ମୁବଲ୍ଲିଗ୍ ସାହେବ୍ ଲେଖୁଛନ୍ତି ଯେ ଆମ ଜମାତ୍ର ଜଣେ ମହିଳା ସଦସ୍ୟାଙ୍କ ନାମ ହେଉଛି ଉମ୍ମେ ହାନି । ସେ ୱ୍କଫେ ଜଦିଦ୍ରେ ୭୦ (ସତୁରୀ) ହଜାର ଫ୍ରାଙ୍କ ଚାନ୍ଦା ଦେବା ପାଇଁ ୱାଦା ଲେଖାଇଥିଲେ । ତା'ର ବ୍ୟବସ୍ଥା ସେ କରିପାରିଲେ ନାହିଁ । ତାଙ୍କ ପାଖରେ ଗୋଟିଏ ଓଟ ଥିଲା । ସେହି ଓଟଟିକୁ ଏକ ଲକ୍ଷ ସତୁରୀ ହଜାର ଟଙ୍କାରେ ବିକ୍ରି କରିଦେଲେ । ସେଥିରୁ ୱ୍କଫେ ଜଦିଦ୍ର ୱାଦା ମଧ୍ୟ ପୂରଣ କଲେ ଓ ବାକି ବଳି

ପଡ଼ିଥିବା ଟଙ୍କାକୁ ନିଜ ପାଖରେ ନ ରଖି, ତାହା ସବୁ ମଧ ଅନ୍ୟାନ୍ୟ ଚାନ୍ଦାରେ ଦେଇଦେଲେ ।

ପୁଣି ଏକ ଦେଶ ହେଉଛି ଟୋଗୋ (Togo) ସେଠାରେ ଜଣେ ଅହେମଦୀଙ୍କ ନାମ ହେଉଛି ଇବ୍ରାହିମ୍ । ସେ ଲୋକମାନଙ୍କର ପଶୁ ଚରାନ୍ତି । ଛେଳୀ ଇତ୍ୟାଦି ଗୃହପାଳିତ ପଶୁ ଚରାନ୍ତି । ଯାହା କିଛି ରୋଜଗାର କରନ୍ତି, ସେଥିରେ ନିଜ ସାମର୍ଥ୍ୟ ଅନୁସାରେ ବଢ଼ି ଚଢ଼ି କରି କୁର୍ବାନୀ କରନ୍ତି । ସେ ସେଠାରେ ଓ୍ୱାଦା କଲେ କିନ୍ତୁ ଓ୍ୱାଦା ପୂରଣ କରିପାରିଲେ ନାହିଁ । ନିକଟରେ ନଦୀ ଅଛି । ସେହି ନଦୀରୁ ବାଲି ନିଆହୁଏ । ସେ ରାତି ସମୟରେ ସେହି ନଦୀକୁ ଯାଇ ମଜୁରୀ ଲାଗିଲେ ଓ ଦୁଇ ଟ୍ରକ ବାଲି ଟ୍ରକ୍‌ରେ ଭରିଲେ । ସେଥିରେ ଯାହା କିଛି ରୋଜଗାର ହେଲା, ସେ ସବୁକୁ ଓ୍ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ପଇଠ କରିଦେଲେ । ସେ କାହିଁକି ଏତେ ପରିଶ୍ରମ କଲେ ? ପୁଣି ପରିଶ୍ରମ କରି ସେହି ଅର୍ଥରୁ କିଛି ବି ନିଜ ପାଇଁ ରଖିଲେ ନାହିଁ । ସବୁ କିଛି ଚାନ୍ଦାରେ ଦେଇଦେଲେ । ଅଲ୍ଲାଃଙ୍କ ପ୍ରସନ୍ନତା ପାଇବାର ଏବେ ତାଙ୍କୁ ଜ୍ଞାନ ମିଳିଯାଇଛି ।

ପୁଣି କେବଳ ପୁରୁଷ, ମହିଳା ତଥା ବୟସ୍କ ଲୋକମାନଙ୍କର କଥା ନୁହେଁ ବରଂ ଯୌବନାବସ୍ଥାରେ ପାଦ ରଖିଥିବା କିଶୋର ମାନଙ୍କର ଅବସ୍ଥା ବି ସେହିପରି ରହିଛି ।

ସେଂଟରାଲ୍ ଆମେରୀକାର ଗୋଟିଏ ଦେଶର ନାମ ହେଉଛି ବେଲିଜ୍ । ଏଠାରୁ ହଜାର ହଜାର ମାଇଲ୍ ଦୂରରେ ଅବସ୍ଥିତ । ସେଠାକୁ କେବେ ବି କୌଣସି ଖଲିଫା ଯାଇନାହାନ୍ତି । ସମସ୍ତେ ନୂଆ ଅହେମଦୀ । କିନ୍ତୁ ଚିନ୍ତାଧାରା ସମାନ୍ ।

ଆଫ୍ରୀକାର ଚିନ୍ତାଧାରା ହେଉ, ଆମେରାକାର ଚିନ୍ତାଧାରା ହେଉ, ଜଜାଇର୍‌ର ହେଉ ତଥା ଏଶିୟା ଦେଶର (ଅହେମଦୀମାନଙ୍କ) ଚିନ୍ତାଧାରା ହେଉ, ସମସ୍ତରଙ୍କର ସମାନ ଚିନ୍ତାଧାରା । ଏହା ହେଉଛି ସେହି ବିପ୍ଲବ/ ପରିବର୍ତନ ଯାହାକୁ ହଜରତ ମସିହ୍ ମଉଦ୍ ଆ:ସ ସମସ୍ତଙ୍କ ମଧରେ ସୃଷ୍ଟି କରିଛନ୍ତି । ଘଟଣାଟି ହେଉଛି ଏପରି କି ଗୋଟିଏ ଚଉଦ ବର୍ଷର ପିଲା, ତହରିକ୍-ଏ-ଜଦିଦ୍‌ର ଚାନ୍ଦା ପଇଠ କଲା । ମୁଁ ତା ବିଷୟରେ ଏଠାରେ ପ୍ରଶଂସା କରି ଦେଇଥିଲି । ସେଥିରେ ଲୋକମାନେ ତାକୁ ବହୁତ ମୁବାରକ୍ ବାଦ୍ (ଶୁଭେଚ୍ଛା) ଜଣାଇଲେ ଅତଃ କେହି ଜଣେ କାନାଡ଼ାରୁ ତା ପାଖକୁ ଦୁଇଶହ ଡ଼ଲାର୍ ଉପହାର ସ୍ୱରୂପ ପଠାଇଦେଲେ ଯେ ତୁମେ ଯେଉଁ ବଳିଦାନ ଦେଇଥିଲ, ସେଥିଯୋଗୁଁ ମୋ ତରଫରୁ ସେଥିଯୋଗୁଁ ଏହା ପୁରସ୍କାର ରୂପେ ପଠାଇଲି । ଏବେ ସେହି ପିଲାଟିର ଅବସ୍ଥା ଦେଖନ୍ତୁ । ଚଉଦ ବର୍ଷରେ ପାଦ ଥାପି ଥିବା କିଶୋର । ଯଦି ଏଠିକାର ହୋଇଥାନ୍ତା, ସାଙ୍ଗେ ସାଙ୍ଗେ ଯାଇ ଗେମ୍ କିଣି ଥାନ୍ତା । ସେ କହିଲା ଯେ ମତେ ଶୋସିୟାଲ୍ ସିକ୍ୟୁରିଟି କାର୍ଡ଼ ବନାଇବାର ଥିଲା । ସେଥିଯୋଗୁଁ ମତେ ତିରିଶି ଡ଼ଲାର୍ ମୋ କାମ ପାଇଁ ରଖିଦେଇଛି । ବାକି ବଳିପଡ଼ି ଥିବା ୧୭୦ ଡ଼ଲାର୍ ମୁଁ ଚାନ୍ଦା ରେ ଦେଇଦେଇଛି । ସେ ଗରୀବ ଘର ପିଲା । ତାକୁ କୁହାଗଲା ଯେ ଏ ଟଙ୍କାକୁ ତୁମେ ତୁମ ନିଜ ପାଇଁ ରଖ । ନିଜର ଖର୍ଚ୍ଚ ପାଇଁ ରଖ । ତାକୁ ବାଧ କରାଗଲା କିନ୍ତୁ ସେ ବହୁତ ଜିଦି କରି ସେହି ସମସ୍ତ ଟଙ୍କା ଚାନ୍ଦାରେ ଦେଇଦେଲା । ସେହି ପିଲାଟିର ନାମ ହେଉଛି ଦାନିୟାଲ୍ । ଏହା ହେଉଛି ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା । ଅଲ୍ଲାଃ ତାଲା କରନ୍ତୁ ଯେ ଏପରି ଚିନ୍ତାଧାରା ସେହି ପିଲାଟିର ମନରେ ସର୍ବଦା କାଏମ୍ ରହୁ ଏବଂ ଏହି ବସ୍ତୁବାଦୀ ପରିବେଶରୁ ଅଲ୍ଲାଃ ତାଲା ସେହି ପିଲାଟିକୁ ବଂଚାଇ ରଖନ୍ତୁ ।

ପୁଣି ଜାମାଇକା ଦେଶର ଗୋଟିଏ ଘଟଣା ରହିଛି । ସେଠିକାର ଜଣେ ଖାଦିମ୍‌ଙ୍କ ନାମ ହେଉଛି ଯାସିନ୍ ସାହେବ୍ । ବହୁ ଦିନ ହେବ ସେ ବେକାରୀ ଥିଲେ (ରୋଜଗାର କିଛି ନଥିଲା) । ଗଳି କନ୍ଦିରେ କିଛି ଛୋଟ ମୋଟ ଜିନିଷ ବିକ୍ରି କରି, ଚକ୍‌ଲେଟ୍, ଟଫି ଇତ୍ୟାଦି ବିକ୍ରି କରି ଗୁଜୁରାଣ ମେଂଟାଉଥିଲେ । କିନ୍ତୁ ଏପରି ଅବସ୍ଥାରେ ବି ତାଙ୍କୁ ଏ ଚିନ୍ତା ଘାରୁଥିଲା ଯେ ସେ କିପରି ଆର୍ଥିକ ବଳିଦାନ କରିବେ । ସେ ଚିନ୍ତା କରୁଥିଲେ ଯେ ଓ୍ୱକ୍‌ଫେ ଜଦିଦ୍‌ର ଚାନ୍ଦା ପାଇଁ ମୁଁ ଓ୍ୱାଦା (ପ୍ରତିଶୃତି) ଲେଖାଇଛି ଓ ବର୍ଷ ଶେଷ ହେବାକୁ ଯାଉଛି । ମୋ ପାଖରେ ଏବେ କିଛି ବି ନାହିଁ । ଶେଷରେ ଦିନେ ସେ ଡ଼ିସେମ୍ବର ମାସର ଶେଷ ଆଡ଼କୁ ମିଶନାରୀ ସାହେବ୍‌ଙ୍କ ନିକଟକୁ ଆସିଲେ ଓ କହିଲେ ଯେ ଆଜି ମୁଁ ଚାରିଶହ ଜାମାଇକାନ୍ ଡ଼ଲାର ରୋଜଗାର କରିଛି । ସେଥିରୁ ପଚିଶ ପ୍ରତିଶତ ବାହାର କରି ଏବେ ମୁଁ ଆପଣଙ୍କୁ ଶହେ ଡ଼ଲାର ଓ୍ୱକ୍‌ଫେ ଜଦିଦ୍‌ରେ ଦେଉଅଛି ।

ଏକ ଗରୀବ ଦେଶ ର ଅହେମଦୀଙ୍କ ଆନ୍ତରିକତା, ବିଶ୍ୱସ୍ତତା ଏବଂ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଓ ତା ପ୍ରେମକୁ ପ୍ରାପ୍ତ କରିବାର ଅସାଧାରଣ ଉଦାହରଣ ଦେଖନ୍ତୁ । ଲୋକମାନେ କହୁଛନ୍ତି ଏମାନେ ଅଶିକ୍ଷିତ ଲୋକ, ଗରୀବ ଲୋକ କିନ୍ତୁ ଏମାନଙ୍କୁ ଶିକ୍ଷିତ ଲୋକମାନଙ୍କ ଅପେକ୍ଷା ଅଧିକ ଧାର୍ମିକ ଅଟନ୍ତି ଓ ଏମାନଙ୍କ ମନ ହେଉଛି ଧନୀ ।

ଆଉ ଏକ ଦେଶ ହେଉଛି ଗିନିକନାକରି । ସେଠିକାର ମୁବଲ୍ଲିଗ୍ ଇନ୍‌ଚାର୍ଜ ଲେଖିଛନ୍ତି ଯେ ଓ୍ୱକ୍‌ଫେ ଜଦିଦ୍‌ର ଆର୍ଥିକ ବର୍ଷର ଶେଷ ଭାଗରେ ମୁଁ ଓ୍ୱକ୍‌ଫେ ଜଦିଦ୍‌ର ଗୁରୁତ୍ୱ ଓ ତା'ର କଲ୍ୟାଣ ଉପରେ ଖୁତ୍‌ବା ଦେଲି । ହଜୁର ଅନଓ୍ୱର କହୁଛନ୍ତି ମୁଁ ବିଭିନ୍ନ ଖୁତ୍‌ବାରେ ଯେଉଁ କଥା ଗୁଡ଼ିକ ଉପସ୍ଥାପନ କରିଥିଲି, ସେହି ସବୁ ଖୁତ୍‌ବାରେ ପାରା (ଆଲେଖ୍ୟ ପାରା)ଗୁଡ଼ିକ ମଧ ସେ ଉପସ୍ଥାପନ କଲେ । ମାଲି କୁର୍ବାନୀ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ । ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ କହୁଛନ୍ତି ଖୁତ୍‌ବା ଶେଷ ହେବାରେ ଜଣେ ଗରୀବ କିନ୍ତୁ ନିଷ୍ଠାପର ଅହେମଦୀ ମୁସା ସାହେବ୍ ନିଜ ପକେଟ୍ ଭିତରେ ଥିବା ପ୍ରାୟ ଦୁଇ ଲକ୍ଷ ଅଠର ହଜାର ପାଂଚ ଶହ ଫ୍ରାଙ୍କ ଗିନି ବାହାର କରି ଓ୍ୱକ୍‌ଫେ ଜଦିଦ୍‌ରେ ପ୍ରଦାନ କରିଦେଲେ । ଯେତେବେଳେ ମୁଁ ତାଙ୍କୁ କହିଲି ଯେ ଏତେ ବଡ଼ ଅର୍ଥରାଶି ତୁମେ କେଉଁଠାରୁ ଆଣିଲ ? ଗତବର୍ଷ ବି ବହୁତ ବଡ଼ ଅଙ୍କର ଅର୍ଥରାଶି ତୁମେ ଦେଇଥିଲ ଏହାର କାରଣ କ'ଣ ? ଏଥିରେ ସେ କହିଲେ ଯେ ମୋ ମନ ଭିତରେ ଖଲିଫତୁଲ୍ ମସିହ୍‌ଙ୍କ କଥା ଲୁହା କଂଟା ସଦୃଶ ପଶିଗଲା ଯେ ଗୋଟିଏ ହୃଦୟ ଭିତରେ ଦୁଇଟି ଜିନିଷ ପାଇଁ ପ୍ରେମ ରହିପାରିବ ନାହିଁ । ଭକ୍ତ ତା' ପ୍ରଭୁଙ୍କୁ ପ୍ରେମ କରୁ ଅଥବା ଅର୍ଥକୁ ପ୍ରେମ କରୁ । ଏହି କାରଣ ପାଇଁ, ଯେତେବେଳେ ବି ମତେ ଅବସର ମିଳୁଥାଏ ମୁଁ ମୋ କର୍ମ ଦ୍ୱାରା ମଧ ଏହାକୁ ପ୍ରକାଶ କରିବା ପାଇଁ ଚେଷ୍ଟା କରିଥାଏ । ସେ କୁହନ୍ତି ମୋ ଇମାନ୍ ଯଦିଓ ହଜରତ ଅବୁ ବକର୍ ର:ଅଙ୍କ ପରି ହୋଇପାରିବ ନାହିଁ ଯେ ଘରର ସମସ୍ତ ଧନସମ୍ପତିକୁ ଆଣି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଦେବି କିନ୍ତୁ ମୁଁ ଏତିକି ତ କରିପାରିବି ଯେ ମୋ ପକେଟ୍‌ରେ ଥିବା ସବୁତକ ଅର୍ଥରାଶି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରି ପାରିବି ଏବଂ ମୁଁ ଦୁଆ କରିବା ପାଇଁ ଦରଖାସ୍ତ ବି କରୁଅଛି ଯେ ଅଲ୍ଲାଃ ତାଲା ମତେ ହଜରତ ଅବୁ ବକର୍ ର:ଅଙ୍କ ପରି ବିଶ୍ୱାସ (ଇମାନ୍) ମଧ ପ୍ରଦାନ କରନ୍ତୁ । ପୁଣି ସେ କହିବାକୁ ଲାଗିଲେ ଯେ ଦ୍ୱିତୀୟ ବଡ଼ କାରଣ ହେଉଛି ଏହା କି ଯେବେଠାରୁ ମୁଁ ମାଲି କୁର୍ବାନୀ (ଆର୍ଥିକ ବଳିଦାନ)ରେ ଭାଗ ନେବା ଆରମ୍ଭ କଲିଣି, ଅଲ୍ଲାଃ ତାଲା ମତେ ଇମାନ୍‌ର ଧନରେ ମାଲାମାଲ୍ କରିଦେଇଛନ୍ତି । ମୋ ବିଶ୍ୱସାରେ ବୃଦ୍ଧି ହେଉଅଛି ଏବଂ ମୁଁ ମୋ ନିଜ ମଧରେ ଏକ ଅସାଧାରଣ ପରିବର୍ତନ ପାଉଅଛି । ଏହା ହେଉଛି ସେହି ଚିନ୍ତାଧାରା ଓ ବୁଝାମଣା ଯାହା ଅନେକ ଶିକ୍ଷିତ ଲୋକମାନଙ୍କ ମଧରେ ନଥିବ ।

ପୁଣି ଅଲ୍ଲାଃ ତାଲା ଅହେମଦୀ ମାନଙ୍କ ବିଶ୍ୱାସକୁ ବୃଦ୍ଧି କରିବା ପାଇଁ କିପରି ସାହାଯ୍ୟ କରିଥାନ୍ତି । ଏ ସମ୍ବନ୍ଧରେ ଗୋଟିଏ ଘଟଣା ଏପରି ଅଛି ।

ଗିନି କନାକରି ଦେଶର ଜଣେ ନିଷ୍ଠାବାନ୍ ସ୍ୱଚ୍ଛଳ ଅହେମଦୀ ଶ୍ରୀମାନ୍ ଅଲ୍‌ହସନ୍ ସାହେବ୍ ବାଣିଜ୍ୟ କରନ୍ତି । ସେ କୁହନ୍ତି:- ମୁଁ ଚାନ୍ଦା ଟଙ୍କାକୁ ଗୋଟିଏ ଲଫାପା ଭିତରେ ଭର୍ତି କରି ନିଜ ଟେବୁଲ୍ ଉପରେ ରଖିଲି ଓ କାର୍ଯ୍ୟବ୍ୟସ୍ତତା ଯୋଗୁଁ ତାହା ମିଶନକୁ ପଠାଇ ପାରିଲି ନାହିଁ । ଅଚାନକ ମନେ ପଡିଗଲା ତେଣୁ ମୁଁ ସେହି ଅର୍ଥରାଶିକୁ ମୋ ଡ୍ରାଇଭରକୁ ଦେଇଦେଲି ଓ ତାଙ୍କୁ ମିଶନ୍ ହାଉସ୍ ପଠାଇ କହିଲି ଯେ ଏହି ଅର୍ଥରାଶିକୁ ନେଇ ଚାନ୍ଦାରେ ପଇଠ କରିଦିଅ । ତା'ପରେ ମୁଁ କୌଣସି କାମରେ ବାହାରକୁ ଚାଲିଗଲି । ସେ ଯେତେବେଳେ ବାହାରେ ଥିଲେ, ସେହି ସମୟରେ ତାଙ୍କ ପଡ଼ୋଶୀରେ ଥିବା ଗୋଟିଏ କାର୍ଯ୍ୟାଳୟରେ ନିଆଁ ଲାଗିଗଲା ଓ ଜଳି ପୋଡ଼ି ପାଉଁଶ ହୋଇଗଲା । ସେ କୁହନ୍ତି: ମୋ ପାଖକୁ ଫୋନ୍ ଆସିବା ଆରମ୍ଭ ହୋଇଗଲା ଯେ ତୁମ କାର୍ଯ୍ୟାଳୟରେ ନିଆଁ ଲାଗିଯାଇଛି । ସୁତରାଂ ମୁଁ ଶିଘ୍ର ଶିଘ୍ର ଯାଇ ସେଠାରେ ପହଂଚିଲି । ମୋ ମନରେ ଏ ଭାବନା ଜାଗ୍ରତ ହେଲା ଯେ ଏପରି କେମିତି ହୋଇପାରେ ? ମୁଁ ତ ଅଲ୍ଲାଃଙ୍କ ଖାତିର ବଳିଦାନ କରୁଛି । ସେ କୁହନ୍ତି:- ଅଲ୍ଲାଃ ତାଲା (କୁଦରତ୍ ଅର୍ଥାତ କାର୍ଯ୍ୟ/ବିଧାନ ଓ) ନିଦର୍ଶନ ଦେଖନ୍ତୁ ଯେ ଅଲ୍ଲାଃ ତାଲା କିପରି ମୋ ମାନ ରଖିଲେ ଯେ (ଜଳି ଯାଇଥିବା ପଡ଼ୋଶୀ)ଙ୍କ କାର୍ଯ୍ୟାଳୟ ସହିତ ମୋ କାର୍ଯ୍ୟାଳୟ ସଂଲଗ୍ନ ଥିବା ସତ୍ତ୍ୱେ ମଧ୍ୟ ମୋ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିଲା ଓ ମୋ କାର୍ଯ୍ୟାଳୟରେ ସେ ସମୟରେ କମ୍ପାନୀର ବହୁତ ଅର୍ଥରାଶି ମହଜୁଦ ଥିଲା । ହଜୁର ଅନଓ୍ୱର ଅ:ବ:ଅ କହିଲେ:- ତାଙ୍କ କାର୍ଯ୍ୟାଳୟ ସହିତ

ସଂଲଗ୍ନ ଦୁଇଟି କାର୍ଯ୍ୟାଳୟ ଜଳିଗଲା କିନ୍ତୁ ତାଙ୍କ କାର୍ଯ୍ୟାଳୟ ସୁରକ୍ଷିତ ଥିଲା । ପୁଣି ସେ କୁହନ୍ତି:- ଯେ ମୋ ମନରେ ତତ୍‌କ୍ଷଣାତ୍ ଓ ଭାବନା ଆସିଲା ଯେ ଏହା ନିଶ୍ଚିତ ରୂପେ ଚାନ୍ଦାର ବର୍‌କତ୍ (କଲ୍ୟାଣ) । ଏପରି ଲୋକମାନେ ଜ୍ଞାନୀ ଅଟନ୍ତି । ପୁଣି ସେ କୁହନ୍ତି:- ତତ୍‌ସହିତ ମୋ ମନ ହଜରତ ମସିହ୍ ମଉଦ୍ ଆ:ସଙ୍କ ସେହି ଏଲ୍‌ହାମ୍ ଆଡ଼କୁ ଗଲା **ଯେ ୟେ ଆଗ୍ ତେରି ଗୁଲାମ୍ ବଲ୍‌କେ ତେରେ ଗୁଲାମୋଁ କି ଭି ଗୁଲାମ୍ ହୈ ।** ଅର୍ଥାତ ଏହି ନିଆଁ ହେଉଛି ତୁମ ଗୁଲାମ୍ (ଦାସ) ବରଂ ଏହା ତୁମ ଗୁଲାମମାନଙ୍କର ବି ଗୁଲାମ୍ ଅଟେ । ସେ ଯାହା ହେଉ ସେ କୁହନ୍ତି ଯେ ଏହିପରି ଅଲ୍ଲାଃ ତାଲା ହଜରତ ମସିହ୍ ମଉଦ୍ ଆ:ସଙ୍କ ଜଣେ ସାଧାରଣ ଗୁଲାମ୍‌କୁ କ୍ଷତିରୁ ସୁରକ୍ଷିତ ରଖିଦେଲେ ।

ପୁଣି ଗୋଟିଏ ଘଟଣା ଏପରି ଅଛି ଯେ ଅମୀର୍ ସାହେବ୍ ଗାମ୍ବିୟା କହୁଛନ୍ତି ଯେ ଆମର ଜଣେ ମୁଅଲ୍ଲିମ୍ ଗାମ୍ବିୟାର ଗୋଟିଏ ରିଜିଅନ୍‌ରେ ଡ୍ୟୁଟି କରନ୍ତି । ସେ ବର୍ଣ୍ଣନା କରୁଛନ୍ତି ଆମେ ଜମାତ୍‌ର ଜଣେ ବନ୍ଧୁ Sambou Bah ସାହେବ୍ ଯେତେବେଳେ ଗତ ବର୍ଷ ୱକ୍‌ଫେ ଜଦିଦ୍ ପ୍ରସଙ୍ଗରେ ମୋ ଖୁତ୍‌ବା ଶୁଣିଲେ, ଏବଂ ନୂତନ ବର୍ଷର ଯେତେବେଳେ ଏଲାନ୍ (ଘୋଷଣା) ହେଲା ଓ ଯେତେବେଳେ ମୁଁ ଘଟଣାବଳୀଗୁଡ଼ିକୁ ବର୍ଣ୍ଣନା କଲି, ସେତେବେଳେ ସେ ପାଂଚଶହ ଡ଼ଲାସୀ (Dalasi) ପଇଠ କଲେ । ସେ କୁହନ୍ତି: ଅଲ୍ଲାଃ ତାଲା ତାଙ୍କ ଉପରେ ଏପରି କୃପା କଲେ ଯେ ସେହି ବର୍ଷ ତାଙ୍କ ଫସଲ ଦୁଇଗୁଣା ହୋଇଗଲା । ସେ ପାଂଚଶହ ଡ଼ଲାସି ୱାଦା କରିଥିଲେ କିନ୍ତୁ ସେ ଏକ ହଜାର ଡ଼ଲାସୀ ପ୍ରଦାନ କଲେ ପୁଣି କହିଲେ ଯେ ଚାଷକାମରୁ ଯେଉଁ ଆମଦାନୀ ହୋଇଥିଲା, ସେଥିରେ ସେ ଦଶ ବଣ୍ଡଲ ବାଜ୍‌ରା ଜକାତ ଭାବରେ ଦେଇଥିଲେ । ଏ ବର୍ଷ ତାଙ୍କର ଆମଦାନୀ ଏତେମାତ୍ରାରେ ହେଲା ଯେ ସେ ପଚାଶ ବଣ୍ଡଲ ଚାନ୍ଦା ଦେଇଥିଲେ । ସେହିପରି ଚିନା ବାଦାମ୍ ରୁ ସେ ବୋଧ ହୁଏ ଦୁଇବସ୍ତା ଜକାତ ଦେଇଥାନ୍ତି, ସେମାନଙ୍କର ଫସଲ ପୂର୍ବାପେକ୍ଷା ଭଲ ହୋଇଛି । ସେହିପରି ଗୈର୍ ଅହେମଦୀ (ଅଣ ଅହେମଦୀ)ମାନେ ମଧ୍ୟ ଏକଥା କହୁଛନ୍ତି ଯେ ଜମାତ୍ ଅହେମଦୀୟାର କିଛି ତ କଥା ଅଛି । ଯେବେ ବି ଜମାତ୍‌ର ସଦସ୍ୟମାନେ ଅଲ୍ଲାଃ ତାଲାଙ୍କ ମାର୍ଗରେ ଖର୍ଚ୍ଚ କରୁଛନ୍ତି, ସେମାନଙ୍କର ଫସଲ ଆମଦାନୀ ବହୁତ ବଢ଼ିଯାଉଛି ।

କେବଳ ଆଫ୍ରିକୀୟ ଦେଶ ତଥା କିଛି ଗରୀବ ଦେଶର ଅହେମଦୀ ଏବଂ ନୂଆ ଅହେମଦୀମାନେ ହିଁ ନୁହନ୍ତି ବରଂ ଧନୀ ଦେଶ ଗୁଡ଼ିକର ସ୍ଥାନୀୟ ଲୋକମାନେ, ଯେଉଁମାନଙ୍କୁ ବିଶ୍ୱାସର ସମ୍ପତ୍ତି ମିଳିଛି, ସେମାନଙ୍କ ବଳିଦାନର ବି ଉଦାହରଣ ରହିଛି ।

ଜର୍ମାନୀର ମୁବଲ୍ଲିଗ୍ ଲେଖିଛନ୍ତି ଯେ ଗୋଟିଏ ଜମାତ୍‌ର ନା ହେଉଛି ରୋଏଡର୍ଜ ହାଏମ୍ । ସେଠାରେ ସେ ଚାନ୍ଦା ଦେବାପାଇଁ ଆହ୍ୱାନ କଲେ ଯେ ନିଜର ଚାନ୍ଦା ବଢ଼ାନ୍ତୁ ଓ ଅଭାବକୁ ପୂରଣ କରନ୍ତୁ । ସେଠିକାର ସଦର ସାହେବ୍‌ଙ୍କ ପତ୍ନୀ ହେଉଛନ୍ତି ଜଣେ ଜର୍ମନ ଅହେମଦି । ସେ ବହୁତ ନିଷ୍ଠାବାନ ମହିଳା ଅଟନ୍ତି । ସେ ଯେତେବେଳେ କହିଲେ ଯେ ଆମେ ଏହା ଚାହୁଁଛୁ ଯେ ଏହି ଜମାତ୍‌ର ଚାନ୍ଦା ମଧ୍ୟ ବଢୁ ଓ ଜମାତ୍ ବି ଭଲ ଚାନ୍ଦା ଦେଉଥିବା ଜମାତଗୁଡ଼ିକର ସୂଚିରେ ସାମିଲ ହୋଇଯାଉ । ସେହି ଜର୍ମନ ମହିଳା, ଯିଏ ଜଣେ ନୂଆ ଅହେମଦୀ ତ ନୁହନ୍ତି ବରଂ ଅହେମଦୀ ହେବାକୁ ବହୁତ ଦିନ ହୋଇଗଲାଣି, ସେ ଉଣିଶି (୧୯) ହଜାର ୟୁରୋ ପ୍ରଦାନ କଲେ । ସେ କହିଲେ ଯେ ଏହି ଅର୍ଥରାଶିକୁ ମୁଁ ମୋ ପାଇଁ ଗୋଟିଏ କାର୍ କିଣିବା ପାଇଁ ରଖିଥିଲି । କିନ୍ତୁ ମୋ ହୃଦୟ ଭିତରେ ଏତେମାତ୍ରାରେ ଉତ୍ସାହ ସୃଷ୍ଟି ହୋଇଛି ଯେ ଆମ ଜମାଅତ୍‌ର ନାମ କେମିତି ହେଲେ ବି ଖଲିଫାଙ୍କ ସମାନାକୁ ଆସିଯାଉ । ତେଣୁ ମୁଁ ଏହି ଅର୍ଥରାଶିକୁ ଚାନ୍ଦାରେ ଦେଉଅଛି ଏତଦ୍ୱାରା କିପରି ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିପାରିବି ।

ପୁଣି ଜର୍ମାନୀରୁ ଜଣେ ଛାତ୍ର ପାଂଚଶହ ୟୁରୋ ଚାନ୍ଦା ଦେବା ପାଇଁ ୱାଦା ଲେଖାଇଥିଲେ । ତା ଅଭିଭାବକ ତାକୁ କହିଲେ ଯେ ତୁମେ ଏହି ପାଂଚଶହ ୟୁରୋ କିପରି ଦେବ ? ସେ କହିଲା ମୁଁ ଯେମିତି ବି ହେଉ ଦେବି । ତା'ର ଉତର ଅଲ୍ଲା । ତାଲାଙ୍କ ନିକଟରୁ ଏପରି ତତ୍‌କ୍ଷଣାତ ମିଳିଗଲା ଯେ ଗୋଟିଏ ସପ୍ତାହ ଭିତରେ ମତେ ୟୁନିର୍ଭର୍ସିଟି ତରଫରୁ ଫୋନ୍ ଆସିଲା ଯେ ଆମେ ଚାଳିଶି ଜଣ ଛାତ୍ରଙ୍କୁ ମୋନନୀତ କରିଛୁ, ଯେଉଁମାନଙ୍କୁ ୟୁନିର୍ଭର୍ସିଟି ତରଫରୁ ଷ୍ଟାଇପେଣ୍ଡ ମିଳିବ । ତୁମେ ନିଜର ଆକାଉଂଟ ନଂ ପଠାଅ ଫଳତଃ ଆମେ ତୁମର ଷ୍ଟାଇପେଣ୍ଡ ପଠାଇଦେବୁ । ଆମେ ତୁମକୁ ଏକ ହଜାର ୟୁରୋ ପଠାଇବୁ । ସେ କୁହନ୍ତି ଅଲ୍ଲାଃ ତାଲା ମେତ ଦୁଇଗୁଣା କରି କି ଫେରାଇ ଦେଲେ ।

ପୁଣି ୟୁ.କେ ର ଉଦାହରଣ ମଧ୍ୟ ଅଛି । ବାଲ୍‌ହମ୍ ଜାମତ୍‌ର ସଦର ସାହେବ୍ କହିଛନ୍ତି ଯେ:- ୱକ୍‌ଫେ ଜଦିଦ୍‌ର ଟାର୍‌ଗେଟ୍ ପୂରଣ କରିବାକୁ କିଛି ବାକି ରହିଗଲା । ଅତିରିକ୍ତ ପଇଠ କରିବା ପରେ ବି କିଛି ଉଣା ରହିଗଲା । ତା' ପର ଦିନ ଲୋକଲ୍ କାଉଁସିଲ୍ ତରଫରୁ ଗୋଟିଏ ଚିଠି ମିଳିଲା, ସେଥିରେ ସର୍ଭିସ୍ ଚାର୍ଜ ଆକାରରେ ବହୁତ ମୋଟା ଅଙ୍କ ପଇଠ କରିବାକୁ ଦାବି କରାଯାଇଥିଲା । ମୁଁ ଏବେ ସେ ସମ୍ବନ୍ଧରେ ଭାବୁଥିଲି ଯେ ମତେ ୱକ୍‌ଫେ ଜଦିଦ୍ ତରଫରୁ ଏ ବାର୍ତା ମଧ୍ୟ ମିଳିଲା । କିନ୍ତୁ ମୁଁ ପ୍ରଥମେ ୱକ୍‌ଫେ ଜଦିଦ୍ ତରଫରୁ ଏ ବାର୍ତା ମଧ୍ୟ ମିଳିଲା କିନ୍ତୁ ମୁଁ ପ୍ରଥମେ ୱକ୍‌ଫେ ଜଦିଦ୍ ଚାନ୍ଦାକୁ ପଇଠ କରିଦେଲି । ତା' ପରବର୍ତୀ ଦିନ ହିଁ କାଉଁସିଲ୍‌ରୁ ଆଉ ଗୋଟିଏ ଚିଠି ମିଳିଲା । ସେଥିରେ ସେ କ୍ଷମା ପ୍ରାର୍ଥନା କରି ଲେଖିଥିଲେ ଯେ ଆମେ ତୁମ ନିକଟକୁ ଯେଉଁ ଡ଼ିମାଣ୍ଡ ଚିଠି ପଠାଇଥିଲୁ, ତାହା ଭୁଲ୍‌ରେ ପଠାଇଥିଲୁ । ଆଡ଼ଜଷ୍ଟମେଂଟ କରିବା ପରେ ତୁମେ ଆମକୁ ନୁହେଁ ବରଂ ଆମେ ତୁମକୁ ପଇସା ଦେବୁ । ସେ କୁହନ୍ତି ଯେ ମୁଁ ୱକ୍‌ଫେ ଜଦିଦ୍‌ରେ ଯେଉଁ ଚାନ୍ଦା ଦେଇଥିଲି ତାହା ଅନୁସାରେ ସେହି ଅର୍ଥରାଶି ଦଶଗୁଣା ଅଧିକା ଥିଲା । ଏହିପରି ଅଲ୍ଲାଃ ତାଲା ଇମାନ୍ (ବିଶ୍ୱାସ)କୁ ସୁଦୃଢ଼ କରିବା ନିମନ୍ତେ ବେଳେବେଳେ ନିଜେ ସେ ତାହା ଲେଉଟାଇ ଦେଇଥାଏ ।

ଅଲ୍ଲାଃତାଲା ସଙ୍ଗେସଙ୍ଗେ ପ୍ରତିଫଳ ପ୍ରଦାନ କରିବାର ଗୋଟିଏ ନମୁନା ଭାରତର ଏକ ଜମାଅତ ୟାଦ୍‌ଗୀର ଅଂଚଳର ଶୁଣନ୍ତୁ । ୱକଫେ ଜଦିଦ୍‌ର ଆର୍ଥିକ ବର୍ଷ ଶେଷ ହେବା ପର୍ଯ୍ୟାୟରେ ଥିଲା, ଯେତେବେଳେ ଆମ ଇନ୍‌ସ୍ପେକ୍ଟର୍ ସାହେବ ସେଠାକାର ଜଣେ ସଦସ୍ୟଙ୍କୁ ଚାନ୍ଦା ଦେବାକୁ କହିଲେ; ସେ ଉତର ଦେଲେ, ବର୍ତମାନ ମୋ ପକେଟ୍‌ରେ ୧୫୦୦ଟଙ୍କା ଅଛି ଯାହାକୁ ମୁଁ କାହାରିକୁ ଦେବାକୁ ଯାଉଛି ଏବଂ ଏହା ଅତି ଜରୁରୀ ଅଟେ । ଯଦି ତାହା ମୁଁ ଆପଣଙ୍କୁ ଚାନ୍ଦାରେ ଦେଇଦିଏ ତେବେ ତାହାକୁ କିପରି ଦେବି ? କାରଣ ମୋ ନିକଟରେ ଆଉ ଅର୍ଥ ନାହିଁ, ନା ଏତେ ଶୀଘ୍ର କୌଣସି ଅର୍ଥର ବ୍ୟବସ୍ଥା କରିପାରିବି । ତେବେ ସେ ଯାହା ହେଉ ସେ ଉକ୍ତ ରାଶି (୧୫୦୦ଟଙ୍କା) ୱକଫେ ଜଦିଦ୍‌ର ପାର୍ଣ୍ଣରେ ଦାନ କରିଦେଲେ । ଦ୍ୱିତୀୟ ଦିନ ଇନ୍‌ସ୍ପେକ୍ଟର୍ ସାହେବ ସେକ୍ରେଟାରୀ ୱକଫେ ଜଦିଦ୍‌ଙ୍କ ସାଙ୍ଗରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସାକ୍ଷାତ କରିବା ସକାଶେ ତାଙ୍କ ଦୋକାନକୁ ଗଲେ । ସେତେବେଳେ ସେ ନିଜ ପକେଟ୍‌ରୁ ଅର୍ଥ କାଢ଼ି ତାଙ୍କ ସମ୍ମୁଖରେ ରଖିଦେଲେ, ଯାହାକି ପ୍ରଚୁର ମାତ୍ରାରେ ଥିଲା । ସେଥିଅନ୍ତେ ସେ କହିଲେ; କାଲି ଯେତେବେଳେ ମୁଁ ଆପଣଙ୍କୁ ଚାନ୍ଦା ଦେଇ ଘରକୁ ଗଲି ସେତେବେଳେ କେତେକ ଏପରି ସ୍ଥାନରୁ ମୋ ନିକଟକୁ ଟଙ୍କା ଆସିବା ଆରମ୍ଭ ହେଲା, ଯେଉଁମାନେ ମୋର ଅର୍ଥ ପରିଶୋଧ କରିବାର ବାକି ଥିଲା । ଆଜି ଦେଖନ୍ତୁ ମୋ ନିକଟରେ ଅନେକ ହଜାର ଟଙ୍କା ଜମା ହୋଇଯାଇଛି । **ଏପରି ଅଲ୍ଲାଃତାଲା ମୋତେ କଲ୍ୟାଣ (ବରକତ୍) ପ୍ରଦାନ କଲେ ।**

ପୁନଶ୍ଚ ଧନାଢ଼୍ୟ ଲୋକମାନେ ଯେ ସାଂସାରିକ ଦୃଷ୍ଟିକୋଣରୁ ଯଦିଚ ଏତେ ଧନବାନ୍ ନୁହନ୍ତି କିନ୍ତୁ ଜମାଅତୀୟ ସ୍ତରରେ ଧନି ଲୋକମାନଙ୍କ ମଧ୍ୟରେ ପରିଗଣିତ ହେଉଛନ୍ତି । ଜମାଅତ ଅହେମଦିୟା କେରୁଲାଇର ଜଣେ ବନ୍ଧୁ ୧୦ଲକ୍ଷ ଟଙ୍କା ଚାନ୍ଦା ଦେଲେ । ତାଙ୍କ ପତ୍ନୀ ଖ୍ରୀଷ୍ଟଧର୍ମରୁ ଅହେମଦି ହୋଇଛନ୍ତି ଏବଂ ବର୍ତମାନ ସେ ଦୁଆ ଓ ଉପାସନା ଆଦି ବେଶ ଉତ୍ସାହର ସହିତ ସମ୍ପାଦନ କରୁଛନ୍ତି । ସେ ଅତି ନିଷ୍ଠାପର ମହିଳା ଅଟନ୍ତି । ଉଭୟ ପତି ପତ୍ନୀ ୱସିୟତ୍ ମଧ୍ୟ କରିଛନ୍ତି । ଇନ୍‌ସ୍ପେକ୍ଟର୍ ସାହେବ କହନ୍ତି; ଆମେ ତାଙ୍କ ଘରକୁ ଗଲୁ ଏବଂ ତାଙ୍କୁ ଚାନ୍ଦା ପୈଠ କରିବା ପ୍ରତି ଆହ୍ୱାନ ଦେବାରୁ ସେ ୫ଲକ୍ଷ ଟଙ୍କାର ଚେକ୍ କାଟି ଦେଲେ । ତାହା ଦେଖି ଇନ୍‌ସ୍ପେକ୍ଟର୍ ସାହେବ କହିଲେ; ଆପଣଙ୍କ ସ୍ୱାମୀ ଆମକୁ ୧୦ଲକ୍ଷ ଟଙ୍କା ଦେଇ ସାରିଛନ୍ତି । ବର୍ତମାନ ଆପଣ ଏତେ ଅଧିକ ଟଙ୍କା ଦେଉଛନ୍ତି । ସେ ଉତର ଦେଲେ, **ଆମକୁ ପ୍ରଭୁଙ୍କ ନିକଟରୁ ଯେଉଁ କୃପା ଲାଭ ହୋଇଛି ତାହା କେବଳ ଚାନ୍ଦା ଦେବାର ପରିଣାମ ଅଟେ । ସୁତରାଂ ମନ ହେଉଛି, ମୁଁ ବାରମ୍ବାର ଚାନ୍ଦା ଦିଅନ୍ତି କି...** ପୁଣି ଚାନ୍ଦା ଦେବା ଫଳରେ ଆମ ବାଣିଜ୍ୟରେ ମଧ୍ୟ ବେଶ୍ ଉନ୍ନତି ସାଧିତ ହୋଇଛି । ଅତଏବ ଆମେ ଚାନ୍ଦା ଦେବାକୁ କେବେ ବି ପଛଘୁଂଚା ଦେବୁ ନାହିଁ ।

ପୁଣି ମାଲିର ମୁବଲ୍ଲିଗ୍ ସାହେବ୍ ଲେଖିଛନ୍ତି ଯେ "କାଇ" ସହରରେ ଆମ ଜମାତ୍‌ର ରେଡ଼ିଓ ଷ୍ଟେଶନ୍‌ରେ ଆର୍ଥିକ ବଳିଦାନ ଏବଂ ୱକ୍‌ଫେ ଜଦିଦ୍‌ର ଗୁରୁତ୍ୱ ଏବଂ ତାହାର ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରୋଗ୍ରାମ ପ୍ରସାରଣ କରାଗଲା । ସେ କୁହନ୍ତି ତା'ପରେ ଜମାତ୍‌ଗୁଡ଼ିକୁ ଗସ୍ତ

କଲି । ନିଜ ନିଜର ସାମର୍ଥ୍ୟ ଅନୁସାରେ ପ୍ରତ୍ୟେକ ନିଜ ନିଜର ଚାନଦା ପଇଠ କଲେ । ଜଣେ ନୂଆ ଅହେମଦୀ ବତାଇଲେ ଯେ ଯେବେ ମୁଁ ଚାନ୍ଦା ଦେବା କଥା ଶୁଣିଲି, ସେତେବେଳେ ମୋ ନିକଟରେ ନଗଦ ପଇସା ନଥିଲା ଯେ ମୁଁ ତାହାକୁ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିପାରିବି । ଅତଃ ମୁଁ ନିଷ୍ପତି କଲି ଯେ ମୁଁ ବି ନିଶ୍ଚିତ ରୂପେ ନିଜ ତରଫରୁ ଜମାତ୍ ଅହେମଦୀୟାକୁ କିଛି ନା କିଛି ଚାନ୍ଦା ଦେବି ଓ ଅନ୍ୟମାନଙ୍କଠାରୁ ପଛରେ ରହିବିନାହିଁ । ସେ କୁହନ୍ତି:- ମୁଁ ଜଙ୍ଗଲକୁ ଗଲି, ବହୁତ ଶୁଖିଲା କାଠ ଏକାଠି କଲି । ପୁଣି ସେଠାରେ ସେହି କାଠକୁ ଜଳାଇ କୋଇଲାରେ ପରିଣତ କଲି । ପୁଣି ତାହା ସବୁକୁ ମୋ ଗାଁକୁ ଧରି ଆସିଲି । ଯେତେବେଳେ ଜମାତ୍‌ର ପ୍ରତିନିଧି ମଣ୍ଡଳ ଗସ୍ତରେ ଗଲା, ସେତେବେଳେ ସେ କୋଡ଼ିଏ ବସ୍ତା କୋଇଲା ଚାନ୍ଦା ରେ ପେଶ୍ କରିଦେଲେ । ସେହି ଗରୀବ ଲୋକର ହାତରେ ଯାହା କିଛି ହୋଇପାରିଲା ସେ କଲେ । ସେ ଯାହା ହେଉ ତାଙ୍କ ହିସାବରେ ତାହା ପଚାଶ ହଜାର ଫ୍ରାଙ୍କ ଅର୍ଥରାଶି ଥିଲା । ସେ ପୁଣି କୁହନ୍ତି:- ଏବେ ମତେ ବହୁତ ଖୁସି ଲାଗୁଛି ଯେ ମୁଁ ବି ମାଲି କୁର୍ବାନୀ (ଆର୍ଥିକ ବଳିଦାନ)ରେ ଭାଗ ଦେଇପାରିଲି ।

ପୋଲାଣ୍ଡର ଜଣେ ଅହେମଦୀ ବନ୍ଧୁ ଲେଖିଛନ୍ତି ଯେ ବର୍ଷ ଶେଷରେ ମୁରବୀ ସାହେବ୍ ଚାନ୍ଦା ୱକ୍‌ଫେ ଜଦିଦ୍ ପଇଠ କରିବା ପାଇଁ ଆହ୍ୱାନ ଦେଲେ । ସେତେବେଳେ ମୋ ନିକଟରେ ପ୍ରାୟ ଏକ ଶହ ଜଲୁତି (Zloty) ଥିଲା । ଏହା ପଲିଶ୍ କରେନ୍ସିର ନାମ । ସେ କୁହନ୍ତି, ସେହିଦିନ ୨୬ ତାରିଖକୁ କାଦିଆନ୍‌ର ଜଲ୍‌ସା ବି ଥିଲା । ହଜୁର ଅନୱର୍ କହିଲେ:- ସେ ମୋ ଭାଷଣ ବି ଶୁଣିଥିଲେ । ତାଙ୍କ ମୋବାଇଲ୍ ପ୍ୟାକେଜ୍ ବି ଶେଷ ହେବାକୁ ଯାଉଥିଲଶ । ଭାଷଣ କିପରି ଶୁଣିବେ ? ସେ କହିଲେ ଯେ ମୋ ମନ ଚାହୁଁଥିଲା ଯେ ତାହା ନିଶ୍ଚିତ ରୂପେ ଶୁଣିବି । ସେ ଯାହା ହେଉ ନା କାହିଁକି ମୁଁ ୨୦ (କୋଡ଼ିଏ) ଜଲୁତିର ପ୍ୟାକେଜ୍ ପକାଇଲି ଏବଂ ମୁଣ୍ଡ ପିଛା ୨୮ ଜାଲୁତି ହିସାବରେ ମୁଁ ମୋ ଚାନ୍ଦା, ମୋ ପୁଅର ଚାନ୍ଦା ତଥା ମୋ ପତ୍ନୀଙ୍କ ଚାନ୍ଦା ପଇଠ କରିଦେଲି ଏବଂ ଫଇସଲା କଲି ଯେ ଆମେ ବାକି ଦିନ ଗୁଡ଼ିକରେ ଆଉ କିଛି କିଣିବୁ ନାହିଁ । ଘରେ ମହଜୁଦ୍ ଥିବା ଜିନିଷରେ ହିଁ ଚଳିଯିବୁ । କିନ୍ତୁ ମନରେ ପ୍ରବଳ ଇଚ୍ଛା ଥିଲା ଯେ ଯଦି ଆଉ ଅଧିକ ଅର୍ଥରାଶି ଥା'ନ୍ତା ତା'ହେଲେ ଆମେ ଦେଇଥାନ୍ତୁ । ସେ କୁହନ୍ତି ଆମେ ଦୁଆ କଲୁ ଓ ଅଲ୍ଲାଃ ତାଲା ନିଜର କୃପାର ଆମ ଉପରେ କଲେ । ସେ କୁହନ୍ତି:- ୨୮ ଡ଼ିସେମ୍ବର ଦିନ ମୁଁ କାମ ସାରି ଘରକୁ ଫେରୁଥିଲି, ମୋର ଜଣେ ବନ୍ଧୁ ମତେ କିଛି ଅର୍ଥ ଦେବାର ଥିଲା । ସେ କହିଲେ ମୁଁ ଭୂଲି ଯାଇଥିଲି, ଏବେ ତୁମେ ଏହି ଅର୍ଥ (Zloty) ମୋ ଠାରୁ ନେଇଯାଆନ୍ତୁ । ସେ କୁହନ୍ତି:- ମୁଁ ଘରକୁ ଯାଇ ଯେବେ ମୋ ଆକାଉଂଟ ଚେକ୍ କଲି, ଦେଖିଲି ଯେ ବିଭିନ୍ନ ମାଧ୍ୟମରେ ଜଣାନାହିଁ କିପରି ବାରଶହ ନବେ (୧୨୯୦) ଜଲୁତି ମୋ ଆକାଉଂଟକୁ ଆସି ସାରିଥିଲା । ସେ କୁହନ୍ତି:- ମୁଁ ଯେଉଁ କମ୍ପାନୀରେ ତିନିବର୍ଷ ହେବ କାମ କରୁଥିଲି, ସେ କେବେ ବି ବଢ଼ା ପଇସା ଦେଇନଥିଲା । ଚାନ୍ଦା ୱକ୍‌ଫେ ଜଦିଦ୍ ଯୋଗୁଁ ଏହି ଅର୍ଥରାଶି ମୋ ଆକାଉଂଟକୁ ଆସିଥିଲା । ଏହିପରି ମତେ ତେରଶହ ଜଲୁତି ମିଳିଗଲା । ପୁଣି ମୁଁ ଆଉ ତିନିଶହ ଜଲୁତି ଚାନ୍ଦା ଆକାରରେ ଦେଲି । ପୁଣି ସେ କୁହନ୍ତି;- ଅଲ୍ଲାଃ ତାଲାଙ୍କର ଆଉ ଏକ କୃପାର ଏପରି ହେଲା ଯେ ମୋ ପୁଅ ଯେଉଁଠାରେ କାମ କରୁଥିଲା ତା' ଦରମା ପ୍ରତି ବର୍ଷ ଥରେ ଅକ୍ଟୋବର ମାସ ବା ନଭେମ୍ବର ମାସରେ ବଢ଼ିଥାଏ । ଏ ବର୍ଷ ଅକ୍ଟୋବର ମାସରେ ଥିରେ ତା ଦରମା ବଢ଼ସାରିଥିଲା କିନ୍ତୁ ୩୧ ଡ଼ିସେମ୍ବର ଦିନ ତା ଦରମା ପୁଣି ବଢ଼ିଗଲା । ସେ କୁହନ୍ତି ଯେ ଏହା ଆମ ବିଶ୍ୱାସକୁ ଆହୁରି ବଢ଼ାଇଦେଲା ।

ତାଞ୍ଜାନିଆ ଦେଶର ଶିୟାଙ୍ଗ ରିଜିଅନ୍‌ରେ ଆମର ଗୋଟିଏ ଜମାତ୍ ଅଛି । ସେଠିକାର ନୂଆ ଅହେମଦୀମାନେ ଧିରେ ଧିରେ ମାଲି ନିଜାମ୍ (ଆର୍ଥିକ ବଳିଦାନର ବ୍ୟବସ୍ଥା)ରେ ସାମିଲ୍ ହେଉଛନ୍ତି । ସେଠିକାର ମୁଅଲ୍ଲିମ୍ ସାହେବ୍ ଲେଖିଛନ୍ତି ଯେ ଗତ ବର୍ଷ ରମ୍‌ଜାନ୍ ସାହେବ୍ ନାମକ ଜଣେ ବ୍ୟକ୍ତି ବୟତ କରିଛନ୍ତି । ସେ ନିଜ ସାମର୍ଥ୍ୟ ମୁତାବକ ତହ୍‌ରିକ୍-ଏ-ଜଦିଦ୍ ଏବଂ ୱକ୍‌ଫେ ଜଦିଦ୍ ର ଚାନ୍ଦା ଲେଖାଇଲେ ଏବଂ ବର୍ଷ ଶେଷ ହେବା ପୂର୍ବରୁ ନିଜର ପ୍ରତିଶୃତି ଠାରୁ ଦୁଇଗୁଣା ଚାନ୍ଦା ଅଧିକା ଦେଲେ । ଆଉ ଏକ ଅବସରରେ ସେ ତାଙ୍କ ପରିବାରବର୍ଗଙ୍କ ତରଫରୁ ଗୋଟିଏ ପ୍ଲଟ୍ ମଧ୍ୟ ଜମାତ୍ ନାମରେ କରିଦେଇଛନ୍ତି । ସେ ଯେଉଁ ଗ୍ରାମରେ ରହୁଥିଲେ ସେହି ଗ୍ରାମର ଅନ୍ୟ ଲୋକମାନଙ୍କ ପାଇଁ ଏହା ବହୁତ ଆଶ୍ଚର୍ଯ୍ୟଜନକ କଥା ଥିଲା । କିଛି ଲୋକ ତାଙ୍କୁ ଥଟ୍ଟା କରି କହିଲେ ଯେ ଏହି ଲୋକଟି ତ ତରବର ହୋଇ ଏହିପରି ସବୁ ଧନକୁ ଧର୍ମ ମାର୍ଗରେ ଖର୍ଚ୍ଚ କରି ଶେଷ କରିଦେବ । କିନ୍ତୁ ସେ ମୁଅଲ୍ଲିମ୍ ସାହେବ୍‌ଙ୍କୁ ବତାଇଲେ ଯେ ପ୍ରକୃତ ପକ୍ଷେ ଜମାତ୍ ଅହେମଦୀୟାରେ ସାମିଲ ହେବା ପରେ ମତେ ଆର୍ଥିକ ବଳିଦାନର ଗୁରୁତ୍ୱ ତଥା ବୁଝାମଣା ପ୍ରାପ୍ତ ହୋଇଅଛି । ମୁଅଲ୍ଲିମ୍ ସାହେବ୍ କୁହନ୍ତି:- ଯେବେଠାରୁ ସେ ଅଲ୍ଲାଃଙ୍କ ମାର୍ଗରେ ବଳିଦାନ କରିବା ଆରମ୍ଭ କଲେଣି ତାଙ୍କ କାମରେ ବହୁତ କଲ୍ୟାଣ ହେଉଅଛି । ଲୋକମାନେ କିଛି ବି କୁହନ୍ତୁ । ବାସ୍ତବରେ ଏହି ବର୍ଷ ତାଙ୍କୁ ବିଭିନ୍ନ ସ୍ଥାନରେ ପ୍ଲଟ୍ କିଣିବାକୁ ଏବଂ ଦୁଇଟି ବାସଗୃହ ନିର୍ମାଣ କରିବାପାଁ ସୌଭାଗ୍ୟ ମିଳିଛି । ଏହିସବୁ ଅଲ୍ଲାଃଙ୍କ ମାର୍ଗରେ ବଳିଦାନ କରିବା ଯୋଗୁଁ ତଥା ଗୋଟିଏ ପ୍ଲଟ୍ ଜମାତ୍ ନାମରେ କରିବାର ଆର୍ଶୀବାଦ ସ୍ୱରୁପ ହୋଇଅଛି ।

ପୁଣି ସିରିୟାଲିଓନ୍‌ର ଘଟଣା ଏମିତି ଅଛି ଯେ ସେଠାରେ ବିଶ୍ୱାସ ଏବଂ ଆନ୍ତରିକତାରେ କିପରି ନୌ ମୁବାଇନ୍‌ମାନେ ଉନ୍ନତି କରି ଚାଲିଛନ୍ତି । ସିରିୟାଲିଓନ୍ ଦେଶର ପୋର୍ଟ ଲୋକୋ (Port Loko) ରିଜିୟନ୍‌ର ମିଶ୍‌ନାରୀ ଜିବ୍‌ରିଲ୍ ସାହେବ୍ କହୁଛନ୍ତି ଯେ ଗୋଟିଏ ନୂଆ ଜମାତ୍‌ର ଲୋକମାନଙ୍କୁ ୱକ୍‌ଫେ ଜଦିଦ୍ ଚାନ୍ଦା ପ୍ରସଙ୍ଗରେ ଆହ୍ୱାନ ଦିଆଗଲା । ସେଠାରେ ନୂଆ ନୂଆ ଜମାତ୍ ସ୍ଥାପନ ହୋଇଅଛି । ନୌ ମୁବାଇନ୍ ମାନଙ୍କ ଜମାତ୍ । ଜଣେ ଅନ୍ଧ ବୟସ୍କ ମହିଳା ଗୋଟିଏ ପିଲାର ସାହାରା ନେଇ ମୋ ନିକଟରେ ପହଂଚିଲେ ଏବଂ କହିଲେ ଯେ ମୁଁ ତ କୌଣସି ୱାଦା ଲେଖାଇନାହିଁ କିନ୍ତୁ ମୁଁ ଏହି ଦୁଇହଜାର ଲିଓନ୍ (Leone) ୱକ୍‌ଫେ ଜଦିଦ୍ ର ଚାନ୍ଦାରେ ଦେବାପାଇଁ ଆସିଛି । ଲୋକଲ୍ ମିଶ୍‌ନାରୀ ସାହେବ୍ କହିଲେ ଯେ ଆପଣ ନିଜେ କାହିଁକି ଏତେ କଷ୍ଟ ଉଠାଇ ଆସିଲେ, ମତେ ଡ଼କାଇ ଦେଇଥାନ୍ତେ ମୁଁ ନିଜେ ତୁମ ପାଖକୁ ଚାଲି ଆସିଥାନ୍ତି । ଏହା ଶୁଣି ସେ ଉତର ଦେଲେ ସେହ ଗରୀବ, ବୁଢ଼ି ତଥା ଅଶିକ୍ଷିତ ମହିଳାଙ୍କ ଉତର ଶୁଣନ୍ତୁ । ସେ କହିଲେ ପ୍ରଥମତଃ ମୁଁ ଅଳ୍ପ କିଛି ଟଙ୍କା ଦେବାପାଇଁ ଆସିଛି ଏବଂ ମୁଁ ଏତିକି ମାତ୍ର ଟଙ୍କା ଦେବାପାଇଁ ଆପଣଙ୍କୁ ମୋ ଘରକୁ ଡ଼ାକିଥାନ୍ତି ! ମୁଁ ନିଜେ ସବୁତକ ପୂଣ୍ୟ ହାସଲ କରିବାକୁ ଚାହୁଁଛି ତେଣୁ ମୁଁ ନିଜେ ଚାଲି ଚାଲି ଏହି ଚାନ୍ଦା ଦେବାକୁ ଆସିଛି ।

ଆଇଭରି କୋଷ୍ଟ ଦେଶର ସାନ୍ ପେଦ୍ରୁ ରିଜିୟନ୍‌ର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି ଯେ । ଆମ ଜମାତ୍‌ର ଜଣେ ସଦସ୍ୟ ହେଉଛନ୍ତି କୋଲିବାଲି ସାହେବ୍ । ସେ ରମ୍‌ଜାନ୍ ମାସରେ ମତେ ଫୋନ୍ କଲେ ଓ ୱକ୍‌ଫେ ଜଦିଦ୍ ଚାନ୍ଦା ବିଷୟରେ ପଚାରିଲେ ଯେ କଣ ରମ୍‌ଜାନ୍ ମାସରେ ଚାନ୍ଦା ଦେବା ତଥା ଚାନ୍ଦା ବଢ଼ାଇବା ଜରୁରୀ କି ? ଏଥିରେ ମୁଁ ତାଙ୍କୁ କହିଲି ଯେ ରମ୍‌ଜାନ୍ ମାସରେ ଆଁ ହଜରତ ସ:ଆ:ସଙ୍କର ଏବଂ ହଜରତ ମସିହ୍ ମଉଦ୍ ଆ:ସଙ୍କର କାର୍ଯ୍ୟ ନମୁନା ଏହା ହିଁ ଥିଲା ଯେ ସେମାନେ ଅଧିକରୁ ଅଧିକ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରୁଥିଲେ । ପୁଣି ଏହି ମାସରେ ଚାନ୍ଦା ଦେବାର ଗୁରୁତ୍ୱ ବିଷୟରେ ମୁଁ ତାଙ୍କୁ ବତାଇଲି । ସେହିପରି ତହ୍‌ରିକ୍-ଏ-ଜଦିଦ୍ ତଥା ୱକ୍‌ଫେ ଜଦିଦ୍ ଚାନ୍ଦା ବିଷୟରେ ବି ବତାଇଲି ଯେ କିପରି ଏହା ଇସ୍‌ଲାମ୍‌ର ପ୍ରଚାର ପ୍ରସାର ଏବଂ ପ୍ରକାଶନ କାର୍ଯ୍ୟରେ ଖର୍ଚ୍ଚ ହୋଇଥାଏ । ତତ୍ ସହିତ ଏ କଥା ବି ବତାଇ ଦେଲି ଯେ ଏ ଚାନ୍ଦା ଫର୍ଜ (ବାଧ୍ୟତାମୂଳକ) ତ ନୁହେଁ କିନ୍ତୁ ନିଜ ସାମର୍ଥ୍ୟ ମୁତାବକ ଅଧିକରୁ ଅଧିକ ଆର୍ଥିକ ବଳିଦାନ୍ ରମ୍‌ଜାନ୍ ମାସରେ କରିବା ଉଚିତ । ସେ ଯାହା ବି ହେଉ ସେହି ମହାଶୟ, ଯିଏ ପୂର୍ବରୁ ପ୍ରତିମାସ କୋଡିଏ ହଜାର ଫ୍ରାଙ୍କ ଚାନ୍ଦା ଦେଇ ଆସୁଥିଲେ, ସେ ୱାଦା (ପ୍ରତିଜ୍ଞା) ଲେଖାଇଲେ ଯେ ଆସନ୍ତାକୁ କେବଳ ରମ୍‌ଜାନ୍ ମାସରେ ହିଁ ନୁହେଁ ବରଂ ପ୍ରତିମାସରେ ନିଜର ଗତ ଲାଜ୍‌ମି ଚାନ୍ଦା (ଅର୍ଥାତ ବାଧ୍ୟତାମୂଳକ ଚାନ୍ଦା) ସହିତ ତିରିଶି ହଜାର ଫ୍ରାଙ୍କ ଅଧିକା ଚାନ୍ଦା ଦେବେ । ସେହି ଅଧିକା ଅର୍ଥରାଶି ୱକ୍‌ଫେ ଜଦିଦ୍ ଏବଂ ତହ୍‌ରି-ଏ-ଜଦିଦ୍ ଚାନ୍ଦାରେ ଦେବେ, ପୁଣି ଏ ୱାଦା (ପ୍ରତିଶୃତି) ବି ଦେଲେ ଯେ ଇନ୍‌ଶାଅଲ୍ଲାଃ ଏହିବର୍ଷ ଶେଷ ହେବା ପୂର୍ବରୁ ସେହି ଅର୍ଥରାଶିର ପରିମାଣକୁ ୱକ୍‌ଫେ ଜଦିଦ୍ ରେ ବୃଦ୍ଧି କରିବା ପାଇଁ ଚେଷ୍ଟା କରିବେ । ସେ କୁହନ୍ତି ଯେ ଅଲ୍ଲାଃଙ୍କ କୃପାରୁ କୋଲିବାଲି ସାହେବ୍ ରମ୍‌ଜାନ୍ ମାସ ପରଠାରୁ ଏ ପର୍ଯ୍ୟନ୍ତ ପ୍ରତି ମାସର ପ୍ରାରମ୍ଭରେ ହିଁ ନିଜେ ତତ୍ପରତା ଦେଖାଇ ଲାଜ୍‌ମି ଚାନ୍ଦାଗୁଡ଼ିକ ପଇଠ କରି ଆସୁଛନ୍ତି ।

ପ୍ରିୟ ହଜୁର ଅନୱର[ଅ.ବ] କହିଲେ; ଅର୍ଥଦାନ କରିବାର ସ୍ତର କେବଳ ପୁରୁଷ ମହିଳା ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ ଦେଖିବାକୁ ମିଳୁ ନାହିଁ ବରଂ ଆମ ଯୁବପିଢ଼ୀଙ୍କ ଠାରେ ମଧ୍ୟ ଏହି ଉତ୍ସାହ ବେଶ୍ ଉର୍ଦ୍ଧ୍ୱରେ ରହିଛି । ଅଲ୍ଲାଃତାଲାଙ୍କ କୃପାରୁ ବଡ଼ ବଡ଼ ନିଷ୍ଠାପର ବ୍ୟକ୍ତି ଜମାଅତରେ ସୃଷ୍ଟି

ହୋଇଚାଲିଛନ୍ତି ।

ଏହା ଇସ୍‌ଲାମ୍‌ର ପ୍ରକାଶନ ତଥା ପ୍ରସାର ପ୍ରଚାରର କଥା । ଯେଉଁଠି ଏହି ଚାନ୍ଦାର ଖର୍ଚ୍ଚ କରିବା କଥା ଆସୁଛି, ସେଠାରେ ଏକଥା ବି ମୁଁ ବତାଇଦେଉଛି ଯେ, ଗତବର୍ଷ ଅଲ୍ଲାଃତାଲା ଜମାଅତକୁ ୧୮୭ ଗୋଟି ମସ୍‌ଜିଦ୍ ନିର୍ମାଣ କରିବାକୁ ଶକ୍ତି ପ୍ରଦାନ କରିଛନ୍ତି । ଏତଦ୍ ବ୍ୟତୀତ ଆଫ୍ରିକାରେ ୧୦୫ ଗୋଟି ନୂତନ ମସଜିଦ୍ ନିର୍ମାଣଧିନ ରହିଛି । ସେହିପରି ଗତବର୍ଷ ୧୪୪ଟି ମିଶନ୍ ହାଉସ୍ ମଧ୍ୟ ସ୍ଥାପନ ହେଲା, ସେଥି ମଧ୍ୟରୁ ଅଧିକାଂଶ ଆଫ୍ରିକା ଦେଶରେ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଆଉ ୪୫ଟି ମିଶନ୍ ହାଉସ୍ ବି ନିର୍ମାଣଧୀନ ରହିଛି । ଏତଦ୍ ବ୍ୟତୀତ ଯେଉଁସ୍ଥଳେ ସଙ୍ଗେସଙ୍ଗେ ମିଶନ୍ ହାଉସ୍ ନିର୍ମାଣ କରାଯିବା ସମ୍ଭବପର ନଥିଲା ସେଠାରେ ଭଡ଼ାରେ ଘର ନେଇ କାର୍ଯ୍ୟ ଆରମ୍ଭ କରାଗଲା । ଆଫ୍ରିକା ଦେଶରେ ୭୩୧ ଗୋଟି ମିଶନ୍ ହାଉସ୍ ଏବଂ ମୁରବୀ ହାଉସ୍ ଭଡ଼ାରେ ନିଆଯାଇଅଛି । ସେହିପରି ଅନ୍ୟାନ୍ୟ ଏସିୟାନ୍ ଦେଶଗୁଡ଼ିକରେ ମଧ୍ୟ ୬୩୨ ଗୋଟି ମିଶନ୍ ହାଉସ୍ ଭଡ଼ାରେ ନିଆଯାଇଅଛି ।

ମସ୍‌ଜିଦ୍ ନିର୍ମାଣ ଇତ୍ୟାଦି କାର୍ଯ୍ୟ ବିଷୟରେ ଯେଉଁଠି କଥା ଉଠୁଛି, ଏହା ବି ମତେ ସହଜ କଥା ନୁହେଁ । (ଅର୍ଥାତ ମସ୍‌ଜିଦ୍ ସହଜରେ ତିଆରି ହୋଇଯାଇନଥାଏ) । ବିରୋଧିମାନେ ବିରୋଧ ସବୁସ୍ଥାନରେ ସମ୍ମୁଖିନ ହେବାକୁ ପଡ଼ିଥାଏ । କିନ୍ତୁ ଅଲ୍ଲାଃ ତାଲାଙ୍କ ଖାତିର୍ ଏହି ସବୁ କାମ ଆମ ଜମାତ୍ କରିଚାଲିଛି । ଅଲ୍ଲାଃ ତାଲାଙ୍କର ଆମ ଜମାତ୍‌ର ଉନ୍ନତି କରିବା ବିଷୟରେ ପ୍ରତିଶୃତି ବି ରହିଛି । ତେଣୁ ଅଲ୍ଲାଃ ତାଲାଙ୍କ ବିଶେଷ ସାହାଯ୍ୟ ଅନୁଗ୍ରହ ସାଥିରେ ରହିଛି ।

କଙ୍ଗୋ କନ୍‌ଶାସା ଦେଶର ଗୋଟିଏ ଘଟଣା ଏଠାରେ ବର୍ଣ୍ଣନା କରିଦେଉଛି । ସେଠିକାର ମୁବଲ୍ଲିଗ୍ ସାହେବ ଲେଖିଛନ୍ତି ଯେ ଏଠିକାର ବାନ୍ଦୁନ୍ଦୁ (Bandundo) ରିଜିୟନ୍‌ରେ ଗୋଟିଏ ଜମାତ୍ ସ୍ଥାପନ ହୋଇଛଇ । ଏହି ଜମାତ୍‌କୁ ସ୍ଥାପନ ହେବାରେ ଦୁଇବର୍ଷ ହୋଇଛି । ଏଠାରେ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ଜାରି ରହିଛି । ସେଠାରେ ସୁନ୍ନି ମୁସଲମାନମାନେ ଅହେମଦୀମାନଙ୍କୁ ଦୁଃଖ କଷ୍ଟ ଦେବା ସହିତ ସରକାରୀ କାର୍ଯ୍ୟାଳୟରେ ଆମ ବିରୁଦ୍ଧରେ ଆପତି ଅଭିଯୋଗ କରିବାରେ କିଛି ବି ବାକି ରଖିନାହାନ୍ତି । ଯେତେବେଳେ ସେମାନଙ୍କର କୌଣସି ଅସ୍ତ୍ର କାମ ଦେଲାନାହିଁ, (ଆମ ଲୋକମାନଙ୍କୁ) ହତ୍ୟା କରିଦେବା ପାଇଁ ମଧ୍ୟ ଧମକ ଦେଲେ । ସେ ଯାହା ହେଉ ନା କାହିଁକି ଆମ ବିରୋଧିମାନଙ୍କୁ କୌଣସି ପ୍ରକାରେ ସଫଳତା ତ ମିଳିଲା ହିଁ ନାହିଁ, ଅପରପକ୍ଷେ ଆମ ମସ୍‌ଜିଦ୍‌ର ନିର୍ମାଣକାର୍ଯ୍ୟ ଜାରି ରହିଲା । ସେହି ନିର୍ମାଣ କାର୍ଯ୍ୟର ତଦାରଖ ଓ ଦେଖାଶୁଣା କରୁଥିବା ଆମର ଜଣେ ଅହେମଦୀ ବନ୍ଧୁ ବତାଇଲେ ଯେ ମସ୍‌ଜିଦ୍ ନିର୍ମାଣକାର୍ଯ୍ୟ ଚାଲିଥିବା ସମୟରେ ଏଠିକାର ୟୁନିର୍ଭସିଟିର ଜଣେ ଖ୍ରୀଷ୍ଟିଆନ୍ ପ୍ରଫେସର୍ ଆମ ପାଖକୁ ଆସିଲେ ଏବଂ ମସ୍‌ଜିଦ୍ କାର୍ଯ୍ୟରେ ସାହାଯ୍ୟ କରିବାକୁ ଲାଗିଗଲେ । ଏପରି କି ଅହେମଦୀମାନେ ଦୂରରୁ ଯେଉଁ ବାଲି ବୋଲି ଆଣୁଥିଲେ, ସେମାନଙ୍କ ସହିତ ମିଶି ରେଡ଼ି ଅର୍ଥାତ Wheelbarrowକୁ ମଧ୍ୟ ଟାଣିବାରେ ଲାଗିପଡ଼ିଲେ । ଦେଖନ୍ତୁ ଗୋଟିଏ ପଟେ ବିରୋଧିମାନେ ନିଜର ଭୂମିକା ନିର୍ବାହ କରୁଥିଲେ ତ ଅପରପକ୍ଷେ ଅଲ୍ଲାଃ ତାଲା ଅନ୍ୟମାନଙ୍କ ଜରିଆରେ ଆମ କାମ କରାଇ ଚାଲୁଥିଲେ । ଏହିପରି ପୂଣ୍ୟ ସ୍ୱଭାବର ଲୋକମାନେ ବି ମିଳନ୍ତି ।

ପୁଣି କାମେରୁନ୍ ଦେଶର ଗୋଟିଏ ଘଟଣା ଏପରି ଅଛି । ସେଠିକାର ବାୟୋଦେଜ୍ ସେଞ୍ଜ (Biodes Senge) ଇଲାକା ହେଉଛି ମୁସଲମାନ ବହୁଳ ଇଲାକା । ଏହି ସହରର ଗୋଟିଏ ମହଲାର ନାମ ହେଉଛି ଦୋଆଲା (Douala) । ସେଠାରେ ଦୁଇ ବର୍ଷ ପୂର୍ବେ ଆମ ଜମାତ୍ ପ୍ରତିଷ୍ଠା ହୋଇଛି । ସେଠାରେ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ସେହି ଇଲାକାର ଆଡ଼ମିନିଷ୍ଟ୍ରେଟରଙ୍କ ତରଫରୁ ଚିଠି ମିଳିଲା ଯେ ମସ୍‌ଜିଦ୍‌ର କାମକୁ ରୋକି ଦିଆଯାଉ । ସୁତରାଂ ଆମ ଜମାତ୍ କାମ ରୋକି ଦେଲା । ଖୋଜଖବର ନେବା ପରେ ଜଣାପଡ଼ିଲା ଯେ ମୁସଲମାନମାନଙ୍କର ସଂଘଠନ ଗଭର୍ଣ୍ଣର ସାହେବଙ୍କୁ ଏବଂ ସମସ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଚିଠି ଲେଖିଛନ୍ତି ଯେ ଏହି ଜମାତ୍ (ଅର୍ଥାତ ଅହେମଦୀୟା ଜମାତ୍) ହେଉଛି ଗୋଟିଏ ଆତଙ୍କବାଦୀ ଗୋଷ୍ଠୀ । ଏମାନଙ୍କର ଇସ୍‌ଲାମ୍ ସହିତ କୌଣସି ସମ୍ପର୍କ ନାହିଁ । ତେଣୁ ଏମାନେ ଏଠାରେ ମସ୍‌ଜିଦ୍ ବନାଇ ପାରିବେ ନାହିଁ । ଏହି ପ୍ରପୋଗଣ୍ଡା ମୁସଲମାନ ରାଷ୍ଟ୍ରଗୁଡ଼ିକର ଓ୍ୱଲେମାମାନେ ସେଠାକୁ ଯାଇ କରିଥାନ୍ତି । ସେ ଯାହା ବି ହେଉ ସେମାନେ ପୁଣି ଚିଠି ଲେଖିଲେ ଓ ନିଜେ ଦୁଆ (ପ୍ରାର୍ଥନା) କରିବାରେ ଲାଗିଗଲେ । ଅଧିକାରୀମାନଙ୍କ ସହିତ ଯୋଗାଯୋଗ କଲେ । ଠିକ୍ ଏକ ମାସ ପରେ ଆଡ଼ମିନିଷ୍ଟ୍ରେଟର୍ ଆମକୁ ନିଜ କାର୍ଯ୍ୟାଳୟରେ ଡ଼କାଇ ପଠାଇଲେ, ବିଭିନ୍ନ ଗୋଷ୍ଠୀର ମୁଖିଆମାନଙ୍କୁ ତଥା ମୁସଲମାନମାନଙ୍କ ଚିଫ୍ ଇମାମ୍ ଏବଂ ଅନ୍ୟ ଲୋକମାନଙ୍କୁ ବି ଡ଼କାଇଲେ । ଆଡ଼ମିନିଷ୍ଟ୍ରେଟର୍ ଗୋଟିଏ ରିପୋର୍ଟ ପଢ଼ିବା ଆରମ୍ଭ କଲେ । ମୁସଲମାନମାନଙ୍କ ଅଭିଯୋଗ ଯୋଗୁଁ ଯେଉଁ କାମ ରୋକାଯାଇଥିଲା, ସେ କହିଲେ ଆମେ କାମକୁ ତ ରୋକି ଦେଇଥିଲୁ କିନ୍ତୁ ଆମେ କାମେରୁନ୍ ଦେଶର ବିଭିନ୍ନ ଇଲାକାରୁ ରିପୋର୍ଟ ମଗାଇଲୁ । ଜାଣିବାକୁ ପାଇଲୁ ଯେ, ଜମାତ୍ ଅହେମଦୀୟା ହେଉଛି ଗୋଟିଏ ଇଂଟରନ୍ୟାଶନ୍ୟାଲ୍ (ଆନ୍ତର୍ଜାତୀୟ) ଜମାତ୍ । ଏହା ଦୁଇଶହରୁ ଅଧିକ ଦେଶରେ ନିଜର କାମ କରୁଅଛି । ପନ୍ଦରବର୍ଷ ହେବ କାମେରୁନ୍‌ରେ ମଧ୍ୟ କାମ କରୁଅଛି । କାମେରୁନ୍‌ରେ ଅନେକ ସ୍ଥାନରେ ଏହି ଜମାତ୍ ମସ୍‌ଜିଦ୍ ନିର୍ମାଣ କରିସାରିଛଇ । ସେ ଯାହା ହେଉ, ସେ ବତାଇଲେ ଯେ କିଭଳି ଇଏ ଧର୍ମ ସେବା କାର୍ଯ୍ୟ କରିଆସୁଅଛି । ଅତଦ୍ ବ୍ୟତୀତ ଜମାତ୍ ଅହେମଦୀୟା ସାମାଜିକ କଲ୍ୟାଣ ପାଇଁ ଯେଉଁ ସେବାକାର୍ଯ୍ୟ କରିଆସୁଅଛି, ସେ ସମ୍ବନ୍ଧରେ ବି ସେ କହିଲେ ଯେ ଏହି ଜମାତ୍ ଅନେକ ସ୍ଥାନରେ ଶୁଦ୍ଧ ପାଣି ପିଇବାର ବ୍ୟବସ୍ଥା କରି ବୋର୍‌ୱେଲ୍ ଗୁଡ଼ିକ ସ୍ଥାପନ କରିଅଛି । ଏମାନେ ଅନାଥ ପିଲାମାନଙ୍କର ଲାଳନ ପାଳନ ବି କରୁଛନ୍ତି । ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ସାହାଯ୍ୟ ବି କରୁଛନ୍ତି । ସେହିପରି ଏମାନେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ସବୁବେଳେ ସ୍ୱର ଉତୋଳନ କରିଆସୁଛନ୍ତି । ପୁଣି ସେ କହିଲେ ଯେ ଏହି ଜମାତ୍ ଶାନ୍ତି ତଥା ସହନଶୀଳତାର ଶିକ୍ଷା ଦେଇଥାଏ । ପୁଣି ଏ ଜମାତ୍ ଏକଥା କହିଥାଏ ଯେ ଏବେ ତରବାରୀ ସାହାଯ୍ୟରେ ଜିହାଦ୍ କରାନଯାଉ ବରଂ କଲମ ଦ୍ୱାରା (ଅର୍ଥାତ ଲେଖା ମାଧ୍ୟମରେ) ଜିହାଦ୍ କରାଯାଉ । ଏହି ସମସ୍ତ କଥା ସେହି ଆଡ଼ମିନିଷ୍ଟ୍ରେଟର୍ ସାହେବ୍ ସେମାନଙ୍କୁ ବତାଇଲେ । ପୁଣି ଏକଥା ବତାଇଲେ ଯେ ଯେଉଁ ବଡ଼ ବଡ଼ ମୁସଲମାନ ନେତାଗଣ ଅଛନ୍ତି, ଯେମିତି ସୁଲ୍‌ତାନ୍ ତଥା ଅନ୍ୟାନ୍ୟ ବିଶିଷ୍ଟ ଲୋକମାନେ ମଧ୍ୟ ଏମାନଙ୍କ ଜଲ୍‌ସାରେ ଯାଇ ସାମିଲ ହେଉଛନ୍ତି । ତେଣୁ ଏପରି କୌଣସି କାରଣ ମିଳୁନାହିଁ ଯଦ୍ଦ୍ୱାରା ଆମେ ତାଙ୍କ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟକୁ ରୋକିଦେବୁ । ଏମାନେ ଏଠାରେ ବି ମସ୍‌ଜିଦ୍ ତିଆରି କରିପାରିବେ । ଯେବେ ସେ ରିପୋର୍ଟ ପଢ଼ି ଶେଷ କଲେ ସେଠିକାର ଯେତେକ ମୁସଲମାନ ଲିଡ଼ର ଥିଲେ, ଛିଡ଼ା ହୋଇଗଲେ । ସେମାନେ କହିଲେ ଯେ ଇଏ (ଅର୍ଥାତ ଜମାତ୍ ଅହେମଦୀୟାର ଲୋକମାନେ- ଅନୁବାଦକ) କାଫିର୍ ଅଟନ୍ତି । ଆମେମାନେ ତାଙ୍କୁ କାଫିର୍ (ଅବିଶ୍ୱାସକାରୀ ଓ ବିର୍ଧମୀ) ବୋଲି ଭାବୁଛୁ । ଯେଉଁ ରିପୋର୍ଟ ଆପଣ ପ୍ରସ୍ତୁତ କରିଛନ୍ତି, ତାହା ଆମକୁ ନ ପଚାରି ପ୍ରସ୍ତୁତ କରିଛନ୍ତି । ତେଣୁ ଆମେ ଏହା ମାନିବୁ ନାହିଁ । ଏକଥା ଶୁଣି ଆଡ଼ମିନିଷ୍ଟ୍ରେଟର୍ ସାହେବ୍ କ୍ରୋଧିତ ହୋଇ ସେମାନଙ୍କୁ କହିଲେ ଯେ ମୋ କାମ କଣ ମୁଁ ଜାଣିଛି । ତୁମେମାନେ ଏଠାରୁ ଚାଲିଯାଅ । ସେହି ଲୋକମାନେ ଚୁପ୍ ହୋଇଗଲେ ଓ ଆମ ଜମାତ୍‌କୁ କହିଲେ ଯେ ଆପଣ ନିଜର ମସ୍‌ଜିଦ୍ ବନାନ୍ତୁ ।

ଜମାତ୍ ଅହେମଦୀୟା ଦ୍ୱାରା କରାଯାଉଥିବା ସେବା କାର୍ଯ୍ୟ ଯୋଗୁଁ ଯେଉଁ ପୂଣ୍ୟପ୍ରଭାବ ପଡ଼ିଥାଏ, ତାହା ପ୍ରତ୍ୟେକ ବୁଦ୍ଧିମାନ୍ ଲୋକକୁ ଜମାତ୍‌ର ପ୍ରଶଂସା କରିବାକୁ ବାଧ୍ୟ କରିଥାଏ । ଅଲ୍ଲାଃଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ଯେତେବେଳେ କାମ କରାଯାଏ, ସେତେବେଳେ ଅଲ୍ଲାଃ ତାଲା ସାହାଯ୍ୟକାରୀମାନଙ୍କ ସେନା ମଧ୍ୟ ପଠାଇଦେଇଥାଏ ଓ ସ୍ୱୟଂ ସେହି ବିରୋଧିମାନଙ୍କ ପ୍ରତିବନ୍ଧକକୁ ଦୂର କରିଦିଏ ।

ଅଲ୍ଲାଃଙ୍କର କୃପା ଓ ଦୟା କିପରି ବଢ଼ିଚାଲିଥାଏ ।ସେ ସମ୍ବନ୍ଧରେ ବି ମୁଁ ଗୋଟିଏ ଘଟଣା ବର୍ଣ୍ଣନା କରିଦେଉଛି ଘାନା ଦେଶର Upper west region ର ରିପୋର୍ଟ ରହିଛି । ସେଠାରେ ତ୍‌ବ୍ଲିଗ୍ କରିବା ଦ୍ୱାରା ଷାଠିଏରୁ ଅଧିକା ବୟତ ହୋଇଛି । ସେହି ଗ୍ରାମରେ ଆମ ଜମାତ୍‌ର ଗୋଟିଏ ଛୋଟିଆ କଂଚା ଇଟାରେ ନିର୍ମିତ ମସ୍‌ଜିଦ୍ ଥିଲା । ଆମ ସଫଳତାକୁ ଦେଖି ଗୈର୍ ଅହେମଦୀ (ଅଣ ଅହେମଦୀ) ମୁସଲମାନମାନେ ଆମ ମସ୍‌ଜିଦ୍‌ର ବିଲ୍‌କୁଲ୍ ସାମନାରେ ଗୋଟିଏ ପକ୍କା ଓ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କଲେ । ସେହି ମସ୍‌ଜିଦ୍ ଜରିଆରେ ଆମ ନୂଆ ଅହେମଦୀମାନଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଚେଷ୍ଟା କଲେ । ଯେଉଁ କେତେକ ଦୂର୍ବଳମନା ନୌ ମୁବାଇନ୍ ଥିଲେ, ସେପଟକୁ ଚାଲଇଗଲେ । ପରେ ସେଠାରେ ଆମ ଜମାତ୍ ଗୋଟିଏ ବଡ଼ ଓଇ ଶାନ୍‌ଦାର୍ ମସ୍‌ଜିଦ ନିର୍ମାଣ କଲା । ଏବେ ଅଲ୍ଲାଃଙ୍କ କୃପାରୁ ଏବେ ଅଲ୍ଲାଃ ତାଲାଙ୍କ କୃପାରୁ ଆମ ଜମାତ୍‌ର

ସଦସ୍ୟମାନେ ଆମ ମସ୍‌ଜିଦ୍‌କୁ ତ ଆସୁଛନ୍ତି । ଫଳତଃ ଆମ ମସ୍‌ଜିଦ୍ ନବୀମାନଙ୍କ ଦ୍ୱାରା ଭରି ଯାଉଛି । ସେମାନଙ୍କ ମସ୍‌ଜିଦ୍ ବିଲକୁଲ୍ ଖାଲି ପଡ଼ିଛି । ବହୁତ ଓ ପ୍ରଶିକ୍ଷଣ ନିମନ୍ତେ ପ୍ରତ୍ୟହ ସେଠାରେ କ୍ଲାସ୍ ମଧ୍ୟ ଲଗାଯାଇଛି । ଫଳତ । ଜମାତ୍‌ର ଉନ୍ନତିରେ ଦିନକୁ ଦନ ବୃଦ୍ଧି ହେଉଅଛି । ଅଲ୍ଲାଃଙ୍କ କୃପାରୁ ଏମିତି ଅନେକ ଘଟଣାବଳୀ ରହିଛି । ଅଲ୍ଲାଃ ସଚ୍ଚା ପ୍ରତିଶୃତି ଦେଇଥାନ୍ତି । ସେ ହଜରତ ମସିହ୍ ମଉଦ୍ ଆ:ସଙ୍କ ସହିତ କରାଯାଇଥିବା ନିଜର ପ୍ରତିଶୃତିକୁ ପୂରଣ କରୁଅଛି ଏବଂ ଅଦୃଶ୍ୟରୁ ସାହାଯ୍ୟ ବି କରୁଅଛି ଓ ଆଗକୁ କରିଚାଲିଥିବ ଇନ୍‌ଶାଅଲ୍ଲାଃ ଆମକୁ ସେ ଅବସର ପ୍ରଦାନ କରୁଅଛି ଯେ ତା ପ୍ରସନ୍ନତା ପ୍ରାପ୍ତ କରିବା ପାଇଁ ତାହାଙ୍କ ମାର୍ଗରେ ଆମେ ଖର୍ଚ୍ଚ କରିବା ଫଳତଃ ଅଲ୍ଲାଃ ତାଲାଙ୍କ କୃପାର ଅଧିକାରୀ ହୋଇପାରିବା । ଅଲ୍ଲାଃ ତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ଅଲ୍ଲାଃ ତାଲାଙ୍କ କୃପାକୁ ଧାରଣ କରିପାରିବା । ଅଲ୍ଲାଃତାଲା ନିଜ ପ୍ରତିଶୃତିର ପାଳନକାରୀ ଅଟନ୍ତି । ସେ ହଜରତ ମସିହ ମଉଦ ଅ.ସଙ୍କ ସହିତ କରିଥିବା ଅଙ୍ଗୀକାର ପୂରଣ କରିଚାଲିଛନ୍ତି ଏବଂ ନିଜ ସାହାଯ୍ୟ ଓ ଅନୁକମ୍ପା ପ୍ରଦାନ କରୁଥିବେ । ଇନ୍‌ଶା ଅଲ୍ଲାଃ । ଅଲ୍ଲାଃତାଲା ଆମମାନଙ୍କୁ ଏହି ସୁଯୋଗ ପ୍ରଦାନ କରିଥାନ୍ତି ଯେ ଆମେ ତାଙ୍କ ପ୍ରୀତିଭାଜନ ଏବଂ ଅନୁଗ୍ରହ ଲାଭ କରିବା ପାଇଁ ତାଙ୍କ ମାର୍ଗରେ ଖର୍ଚ୍ଚ କରିବା ଉଚିତ୍ । ସୁତରାଂ ଅଲ୍ଲାଃତାଲା ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ତାଙ୍କର କୃପା ଲାଭକାରୀଙ୍କ ମଧ୍ୟରେ ସାମିଲ ହୋଇଯାଉ ।

ଏବେ ମୁଁ ସବୁବେଳ ପରି ଗତ ବର୍ଷ ଅର୍ଥାତ ୨୦୨୧ ମସିହାର ୱକ୍‌ଫେ ଜଦିଦ୍‌ର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିବି । ଅଲ୍ଲାଃଙ୍କ କୃପାରୁ ଗତବର୍ଷ ୬୪ (ଚଉଷଠି) ତମ ବର୍ଷ ଥିଲା ଏ ବର୍ଷ ଜାନୁଆରୀ ୨୦୨୨ ରୁ ନୂଆ ବର୍ଷ ଆରମ୍ଭ ହୋଇଯାଇଛି । ଗତ ବର୍ଷର ରିପୋର୍ଟ ଏହା ଥିଲା ଯେ ଆମ ଜମାତ୍ ୱକ୍‌ଫେ ଜଦିଦ୍‌ରେ ଏକ କୋଟି ବାର ଲକ୍ଷ ସତସ୍ତରି ହଜାର ପାଉଣ୍ଡ ବା ପ୍ରାୟ ୧୧.୨ ମିଲିୟନ୍ ଆର୍ଥିକ ବଳିଦାନ କରିବାର ସୌଭାଗ୍ୟ ପାଇଛି । ଗତବର୍ଷ ତୁଳନାରେ ଏହି ବଳିଦାନ ସାତ ଲକ୍ଷ ବୟାଳିଶି ହଜାର ପାଉଣ୍ଡ ଅଧିକା ।

ଦୁନିଆର ଅର୍ଥନୈତିକ ପରିସ୍ଥିତିକୁ ଆଖି ଆଗରେ ରଖି ଯଦି ଆମେ ସମୀକ୍ଷା କରିବା ତା'ହେଲେ ଅଲ୍ଲାଃ ତାଲାଙ୍କର ବହୁତ ବଡ଼ କୃପା ଆମ ଉପରେ ରହିଛି । ଏ ବର୍ଷ ମଧ୍ୟ ବ୍ରିଟେନ୍‌ର ଜମାତ୍ ମୋଟାମୋଟି ଭାବରେ ପ୍ରଥମ ପୋଜିଶନ୍‌ରେ ରହିଛି ।

ଯଦିଚ ଚଳିତ ବର୍ଷ ପାକିସ୍ତାନର ଅର୍ଥନୀତିରେ ଅଧପତନ ଘଟିବା ଯୋଗୁଁ ତାଙ୍କ ପୋଜିଶନ୍ ତଳକୁ ଖସି ଯାଇଛି ତଥାପି ସେମାନେ ନିଜ ସାମର୍ଥ୍ୟ ଠାରୁ ବଳି ଅର୍ଥଦାନ କରୁଛନ୍ତି । ବର୍ତମାନ ମୁଁ ସ୍ଥାନ ଅଧିକାର କରିଥିବା ଜମାଅତଗୁଡ଼ିକର ନାମ କ୍ରମାନ୍ୱୟରେ ଘୋଷଣା କରିଦେଉଛି । ଇଂଲଣ୍ଡ ପ୍ରଥମ ସ୍ଥାନ ଅଧିକାର କରିଛି ସେଥିଅନ୍ତେ ଜର୍ମାନୀ, କାନେଡ଼ା, ଆମେରିକା, ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଏକ ଜମାଅତ, ଘାନା ଏବଂ ଦଶ ନମ୍ବରରେ ବେଲଜିୟମ୍ ରହିଛି ।

ମୁଣ୍ଡ ପିଛା ଚାନ୍ଦା ପୈଠ କରିବା ଦୃଷ୍ଟିକୋଣରୁ ଦେଖିଲେ ଆମେରିକା ପ୍ରଥମ ସ୍ଥାନ ଅଧିକାର କରିଛି । ସେଥିଅନ୍ତେ ସୁଇଜରଲ୍ୟାଣ୍ଡ ଓ ଇଂଲଣ୍ଡ କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଆଫ୍ରିକୀୟ ଦେଶଗୁଡ଼ିକରେ ଚାନ୍ଦା ଅସୁଲ୍ ହୋଇଥିବା ଦେଶଗୁଡ଼ିକ ପୋଜିଶନ୍ କ୍ରମରେ ଏପରି ଅଛନ୍ତି:- ୧. ଘାନା, ୨. ମରିସସ, ୩. ନାଇଜେରିୟା, ୪.ବୁର୍କିନା ଫାସୋ, ୫.ତାଞ୍ଜାନିୟା, ୬.ସିରିୟାଲିଓନ୍, ୭.ଲାଇବେରିୟା, ୮. ଗାମ୍ବିୟା, ୯.ୟୁଗାଣ୍ଡା ଏବଂ ୧୦.ନମ୍ବରରେ ବେନିନ୍ ଦେଶ ରହିଛି ।

ଅଲ୍ଲାଃଙ୍କ କୃପାରୁ ଚାନ୍ଦାରେ ସାମିଲ ହୋଇଥିବା ଲୋକମାନଙ୍କ ସଂଖ୍ୟା ମଧ୍ୟ ଚଉଦ ଲକ୍ଷ ପଇଁଚାଳିଶି ହଜାର ।

ଚାନ୍ଦା ଅସୁଲ୍ ଅନୁସାରେ ବ୍ରିଟେନ୍‌ର ଦଶଟି ବଡ଼ ଜମାତ୍‌ର ପୋଜିଶନ୍ ଏପରି:- 1.Islamabad, 2. Farnham, 3. Worcester Park, 4. South Cheam, 5.Aldershot, 6. Brimingham-South, 7.Walsall, 8.Gillingham, 9.Guildford and 10. Ewell.

ଚାନ୍ଦା ଅସୁଲି ଅନୁସାରେ ବ୍ରିଟେନ୍‌ର ପ୍ରଥମ ପାଂଚଟି ରିଜିୟନ୍ କ୍ରମାନ୍ୱୟରେ ଏପରି ଅଛନ୍ତି, ୧.ବଇତୁଲ୍ ଫୁତୁହ୍ ରିଜିୟନ୍, ୨.ଇସ୍‌ଲାମାବାଦ୍ ରିଜିୟନ୍, ୩.ମସ୍‌ଜିଦ୍ ଫଜଲ୍ ରିଜିୟନ୍, ୪.ବଇତୁଲ୍ ଏହ୍‌ସାନ୍ ରିଜିୟନ୍, ୫.ମିଡ଼୍‌ଲ୍ୟାଣ୍ଡ ରିଜିୟନ୍

ଅତ୍‌ଫାଲ୍- ଦଫ୍‌ତର୍ ଅତ୍‌ଫାଲ୍ ଅନୁସାରେ ଦଶଟି ଜମାତ୍‌ର ନାମ ହେଉଛି ଏପରି 1.Islamabad, 2.Aldershot, 3.Farnham, 4.Roehampton, 5.Guildford, 6.Ewell, 7.Mitcham Park, 8.Baitul Futuh, 9.Walsall, 10.Birmingham-West.

ଚାନ୍ଦା ଆଦାୟ ଦୃଷ୍ଟିକୋଣରୁ ଜର୍ମାନୀର ପାଂଚଟି ଲୋକାଲ୍ ଇମାରତ୍ ହେଉଛନ୍ତି ଏପରି 1.Hamburg, 2.Frankfurt, 3.Gros Gerau, 4.Wiesbaden, 5.Dietzenbach.

ଚାନ୍ଦା ଆଦାୟ ଦୃଷ୍ଟିକୋଣରୁ ଜର୍ମାନୀର ପ୍ରଥମ ଦଶଗୋଟି ଜମାତ୍‌ର ନାମ ହେଉଛି ଏପରି 1.Rodermark, 2. Rodgau, 3. Neuss, 4. Rodersheim, 5.Mehdibad (Friedberg), 6. Hanau, 7.Florsheim, 8.Frankenthal, 9.Koblenz, 10. Nidda.

ଦଫ୍‌ତର୍ ଅତ୍‌ଫାଲ୍‌ର ପ୍ରଥମ ପାଂଚଟି ରିଜିୟନ୍ ହେଉଛନ୍ତି ଏପରି 1.Hamburg, 2. South West Hessen, 3. Taunus, 4. Hessen-Mitte, 5.Rheinland-Pfalz.

କାନାଡ଼ାର ଦଶଟି ବଡ଼ ବଡ଼ ଜମାତ୍ ଚାନ୍ଦା ଅନୁପାତରେ କ୍ରମାନ୍ୱୟରେ ଏପରି 1.Hadiqa Ahmad, 2. Milton West, 3. Bradford, 4. Durham, 5.Milton East, 6. Regina, 7.Ottawa-West, 8.Winnipeg, 9.Hamilton Mountain 10. Abbotsford.

କାନାଡ଼ାର ଦଫ୍‌ତର୍ ଅତ୍‌ଫାଲ୍‌ର ପ୍ରମୁଖ ଅମାରତ୍ ଗୁଡ଼ିକ ଏପରି 1.Vaughan, 2. Peace Village, 3. Calgary, 4. Toronto-West, 5.Brampton-West.

ଦଫ୍‌ତର୍ ଅତ୍‌ଫାଲ୍‌ର ପାଂଚଟି ପ୍ରମୁଖ ଜମାତ୍ ହେଲେ ଏପରି 1.Hadiqa Ahmad, 2. Bradford, 3. Durham, 4. London, 5.Milton-West.

ଚାନ୍ଦା ଆଦାୟ ଦୃଷ୍ଟିକୋଣରୁ ଆମେରୀକାର ପ୍ରଥମ ଦଶଟି ଜମାତ୍‌ର ନାମ ଏପରି 1.Maryland, 2. Los Angeles, 3. Detroit, 4. Silicon Valley, 5.Boston, 6. Aston, 7.Phoenix, 8.Syracose, 9.Las Vegas, 10. Fitchburg.

ଦଫ୍‌ତର୍ ଅତ୍‌ଫାଲ୍ ଦୃଷ୍ଟିକୋଣରୁ ପ୍ରମୁଖ ଦଶଗୋଟି ଜମାତ୍‌ର ନାମ ଏପରି:- 1.Mary Land , 2. Los Angeles, 3. Seattle, 4. Orlando, 5.Aston, 6. Silicon Valley, 7.Phoenix, 8.Fitchburg, 9.Las Vegas, 10. Zion.

ପାକିସ୍ତାନ୍‌ରେ ଚାନ୍ଦା ବାଲିଗାନ୍ (ପ୍ରାପ୍ତ ବୟସ୍କ) ମାନଙ୍କର ପ୍ରଥମ ତିନୋଟି ଜମାତ୍ ହେଉଛନ୍ତି ଏପରି ୧. ଲାହୋର୍, ୨.ରବ୍‌ୱା, ୩.କରାଚି ।

ଜିଲ୍ଲାର ପୋଜିଶନ୍ ଏପରି ୧.ଇସ୍‌ଲାମାବାଦ୍, ୨.ଫଏସଲାବାଦ୍, ୩.ଗୁଜୁରାତ, ୪.ଗୁଜ୍‌ରାଁୱାଲା, ୫.ସର୍‌ଗୋଧା, ୬.ମୁଲ୍‌ତାନ୍, ୭.ଉମର୍‌କୋଟ୍, ୮.ହାଇଦ୍ରାବାଦ୍, ୯.ମୀର୍‌ପୁର୍ ଖାସ୍ ଏବଂ ୧୦.ଡ଼େରା ଗାଜିଖାନ୍ ।

ଚାନ୍ଦା ଆଦାୟ ଦୃଷ୍ଟିକୋଣରୁ ପ୍ରଥମ ଦଶଟି ଜମାତ୍‌ର ନାମ ହେଉଛି ଏପରି:- ୧.ଇସ୍‌ଲାମାବାଦ୍ ସହର୍, ୨.ଡ଼ିଫେନ୍ସ ଲାହୋର୍, ୩.ଟାଉନ୍‌ଶିପ୍ ଲାହୋର୍, ୪.କ୍ଲିଫ୍‌ଟନ୍ କରାଚି, ୫.ଦାରୁଲ୍ ଜିକର୍ ଲାହୋର୍, ୬.ମଡ଼େଲ୍ ଟାଉନ୍ ଲାହୋର୍, ୭.ଗୁଲ୍‌ଶନ୍ ଆବାଦ୍ କରାଚି, ୮.ସମନାବାଦ୍ ଲାହୋର୍, ୯.ଅଜିଜାବାଦ୍ କରାଚି, ୧୦.ଅଲାମା ଇକ୍‌ବାଲ୍ ଟାଉନ୍ ଲାହୋର୍ ।

ଦଫ୍‌ତର୍ ଅତ୍‌ଫାଲ୍‌ର ଜିଲ୍ଲା ପୋଜିଶନ୍ ଏପରି ୧.ଇସ୍‌ଲାମାବାଦ୍, ୨.ସିଆଲ୍‌କୋଟ୍, ୩.ରାୱଲ୍‌ପେଣ୍ଡି,

୪.ସର୍‌ଗୋଧା, ୫.ଫଏସଲାବାଦ୍, ୬.ଗୁଜ୍‌ରାତ୍, ୭.ହାଇଦ୍ରାବାଦ୍, ୮. ମୀରପୁର୍ ଖାସ୍, ୯.ଉମରକୋଟ୍, ୧୦.ନାରୋୱାଲ୍ ।

ଅସାଧାରଣ ପ୍ରଚେଷ୍ଟା କରିଥିବା ଜମାତ୍‌ଗୁଡ଼ିକର ନାମ ହେଉଛି ଏପରି ୧.ଡ୍ରଗରୋଡ୍ କରାଚି, ୨.ନୂର୍‌ପୁରାଃ ଲାହୋର୍, ୩.ଗୁଜରାଁୱାଲା ସହର, ୪.ବଇତୁଲ୍ ଫଜଲ୍ ଫଏସଲାବାଦ୍, ୫.ପେଶାୱର୍ ସହର, ୬.ଦିଲ୍ଲିଗେଟ୍ ଲାହୋର, ୭.କୋଟ୍‌ଲି ଆଜାଦ୍ କାଶ୍ମୀର୍ ଏବଂ ୮.ନନ୍‌କାନା ସାହେବ୍ ।

ଭାରତର ଚାନ୍ଦା ପୈଠ କରିବାରେ ସ୍ଥାନ ଅଧିକାର କରିଥିବା ପ୍ରଥମ ଦଶ ଗୋଟି ରାଜ୍ୟ ହେଉଛନ୍ତି ଏପରି:- ୧.କେରଳ, ୨.ଜାମ୍ମୁ କଶ୍ମୀର, ୩.ତାମିଲ୍‌ନାଡୁ, ୪.ତେଲେଙ୍ଗାନା, ୫.କର୍ଣ୍ଣାଟକ, ୬.ଓଡ଼ିଶା, ୭.ପଞ୍ଜାବ, ୮.ପଶ୍ଚିମବଙ୍ଗ, ୯.ଦିଲ୍ଲୀ ଓ ୧୦.ମହାରାଷ୍ଟ୍ର ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଆଦାୟ କରିବା ଦୃଷ୍ଟିକୋଣରୁ ପ୍ରଥମ ଦଶ ଗୋଟି ଜମାଅତ ମଧ୍ୟରେ ୧.ହାଇଦ୍ରାବାଦ, ୨.କାଦିୟାନ, ୩.କେରୁଲାଇ, ୪.ପଥାପୁରମ୍, ୫.କୋଏମ୍ବଟୁର, ୬.ବାଙ୍ଗାଲୋର, ୭.କଲିକତା, ୮.କାଲିକଟ, ୯.ରିଶିନଗର ଓ ୧୦.ମେଲାପାଲମ୍ ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି । ଅଷ୍ଟ୍ରେଲିଆର୍ ଦଶଗୋଟି ଜମାତ୍‌ର ନାମ ଏପରି:- 1.Melbourne Langwarrin , 2. Castle Hill, 3. Marsden Park, 4. Adelaide South, 5.Melbourne Berwick, 6. Perth, 7.Penrith, 8.Adelaide West, 9.Logan East.

ପ୍ରାପ୍ତ ବୟସ୍କମାନଙ୍କ ଚାନ୍ଦା ପଇଠ କରିଥିବା ଦୃଷ୍ଟିକୋଣରୁ ଅଷ୍ଟ୍ରେଲିଆର ଜମାତ୍‌ଗୁଡ଼ିକ କ୍ରମାନ୍ୱୟରେ ଏପରି:- 1.Melbourne Langwarrin , 2. Castle Hill, 3. Marsden Park, 4. Adelaide South, 5.Melbourne Berwick, 6. Perth, 7.Penrith, 8.Adelaide West, 9.Black Town, 10. Canberra.

ଅଷ୍ଟ୍ରେଲିୟାର ଦଫ୍‌ତର୍ ଅତ୍‌ଫାଲ୍‌ର ଚାନ୍ଦା ପ୍ରଦାନକାରୀ ପ୍ରମୁଖ ଜମାତ୍‌ଗୁଡ଼ିକ ଏପରି:- 1.Melbourne Langwarrin , 2. Adelaide South, 3. Melbourne Berwick Marsden Park, 4.Logan East , 5.Perth, 6. Castle Hill, 7.Melbourne East, 8.Mount Druitt, 9.Penrith, 10. Brisbane Central ଅଲ୍ଲାଃତାଲା ସମସ୍ତ ଅର୍ଥଦାନକାରୀଙ୍କ ଧନଜୀବନରେ ଅଜସ୍ର ବରକତ୍ (କଲ୍ୟାଣ) ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଓ ପରସ୍ପରକୁ ସାହାଯ୍ୟ ସହଯୋଗ କରିବନାହିଁ ଅର୍ଥାତ ଯେମିତି କେନ୍ଦ୍ରିୟ ବିଭାଗ ଗୁଡ଼ିକ ଏବଂ ଜେଲି ତନ୍‌ଜିମ୍‌ର ବିଭାଗ ଗୁଡ଼ିକ ଅଛନ୍ତି ଏହି ଦୁଇ ବିଭାଗ ମଧ୍ୟରେ ଯଦି ପାରସ୍ପରିକ ସାହାଯ୍ୟ ସହଯୋଗ ନ ରହିବ ତା'ହେଲେ ଏପରି ଓହ୍‌ଦାର କୌଣସି ଲାଭ ନାହିଁ ଓ ଏପରି ତନ୍‌ଜିମ୍‌ର ମଧ୍ୟ କୌଣସି ଲାଭ ନାହିଁ । ଆପଣମାନେ ମତେ ତ ଧୋକା ଦେଇପାରନ୍ତି ବା ଯମାତ୍‌ର ବ୍ୟବସ୍ଥାକୁ ତ ଧୋକା ଦେଇପାରନ୍ତି କିନ୍ତୁ ମନେ ରଖନ୍ତୁ ଖୁଦାତାଲାଙ୍କୁ ଧୋକା ଦିଆଯାଇପାରେ ନାହିଁ ତେଣୁ ପ୍ରତ୍ୟେକ କାର୍ଯ୍ୟ କରିବା ସମୟରେ ଏ କଥା ସର୍ବଦା ମନେରଖନ୍ତୁ ଯେ, ଖୁଦାତାଲା ଆମର ପ୍ରତ୍ୟେକ କଥା ଓ ପ୍ରତିଟି କାର୍ଯ୍ୟକୁ ଦେଖୁଛନ୍ତି ଏବଂ ଶୁଣୁଛନ୍ତି ମଧ୍ୟ । ତେଣୁ ଆମେ ଅଲ୍ଲାଃ ତାଲାଙ୍କ ଖାତିର୍ ପ୍ରତ୍ୟେକ କାର୍ଯ୍ୟ କରିବା ଓ ତାହାଙ୍କ ପାଇଁ ନିଜର ସମସ୍ତ ସାମର୍ଥ୍ୟ, ଶକ୍ତି ତଥା ଆମେ ଆମ ନିଜର ସମସ୍ତ ପୋଟେଂସିଆଲ୍‌କୁ ବ୍ୟବହାର କରିବା ଫଳତଃ ଆମେ ଜମାତ୍‌ର ଜଣେ ସଠିକ କର୍ମଠ ସ୍ତମ୍ଭ ହୋଇପାରିବା । ଏବଂ ଯମାତ୍‌ର ସଠିକ ଭାବେ ସେବା କାର୍ଯ୍ୟ ମଧ୍ୟ କରିପାରିବା । ଅଲ୍ଲାଃ ତାଲା ଆପଣମାନଙ୍କୁ ଏଥିପାଇଁ ଶକ୍ତି ଓ ସାମର୍ଥ୍ୟ ଦିଅନ୍ତୁ ଓ ଆପଣମାନଙ୍କର ସୁରକ୍ଷା କରନ୍ତୁ ।

**ପ୍ରଶ୍ନ:** ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏହା ଲେଖି ଜଣାଇଲେ ଯେ, ଯଦି ସ୍ୱାମୀ ସ୍ତ୍ରୀଙ୍କ ବୈବାହିକ ସମୟ ମଧ୍ୟରେ ତିନିଥର ଛାଡ଼ପତ୍ର ହୋଇଯାଏ ତେବେ କ'ଣ ତୃତୀୟ ଛାଡ଼ ପତ୍ର ପରେ ସୁଲାହ୍ ହୋଇପାରିବ କି? ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ ରେ ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:** ହଜୁର ଅନଓ୍ୱର ଅ:ବ:ଅ କହିଲେ, ପବିତ୍ର କୁର୍‌ଆନ୍ ର ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ, ଅତ୍‌ତଲାକୁ ମର୍‌ରତାନି ଯାହାର ଅର୍ଥ ହେଉଛି ଏପରି ଛାଡ଼ପତ୍ର ଯେଉଁଥିରେ ରୁଜୁ (ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମିଳାମିଶା କରିପାରିବେ) କେବଳ ଦୁଇଥର ହିଁ ହୋଇପାରିବ ପୁଣି ତା ପରେ ଅଲ୍ଲାଃ ତାଲା କହିଲେ, **ସଇନ୍‌ତଲକହ୍ ଫଲା ତହିଲ୍ଲୁ ଲହୁ ମିନ୍‌ବାଦୁ ହତା ତନ୍‌କିହା ଜଉଜନ୍ ଗୈରହୁ** ଅର୍ଥାତ ଏହିଭଳି ଦୁଇଟି ତଲାକ ହେବା ପରେ ଯଦି ସ୍ୱାମୀ ତା ପତ୍ନୀକୁ ତୃତୀୟ ଥର ତଲାକ ଦେଇପାରେ ତା ହେଲେ ଏହି ତୃତୀୟ ତଲାକ୍ ପରେ ତା ସ୍ୱାମୀର ତା ସହିତ ସୁଲାହ୍ କରିବା ପାଇଁ କୌଣସି ଅଧିକାର ବାକି ରହିନାହିଁ ନା ଇଦତ୍ ସମୟରେ ନା ଇଦତ୍ ଶେଷ ହେବା ପରେ ସେ ବିନା ନିକାହରେ ଏକାଠି ରହିପାରିବେ ନାହିଁ । ଯେପର୍ଯ୍ୟନ୍ତ ସେ ମହିଳା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନିକାହ୍ ନ କରିଛି ଓ ତା'ର ସେହି ସ୍ୱାମୀ ତାକୁ ବିନା କୌଣସି ଯୋଜନା ମୁତାବକ ତଲାକ୍ ନ ଦେଇ ଦେଇଛି ।

ଅତଏବ ଆପଣଙ୍କ ବର୍ଣ୍ଣନା କରାଯାଇଥିବା ପରିସ୍ଥିତିରେ ଏବେ ସେହି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି ପ୍ରକାରର ସୁଲାହ୍ କରିବା ଅବକାଶ ହିଁ ନାହିଁ ଯେ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ **ହତା ତନ୍‌କିହା ଜଉଜନ୍ ଗୈରହୁ** ର ସର୍ତ୍ତ ପୂରଣ ନ ହୋଇଛି ।

**ପ୍ରଶ୍ନ:** ଆଉ ଜଣେ ମହିଳା ଲେଖିଲେ ଯେ, ଯଦି କୌଣସି ଅଣଅହେମଦୀ ମୁସଲମାନ ମୋ ଠାରୁ କୌଣସି ଅଣ ଜମାତିୟ ଆଲିମ୍‌ଙ୍କ ଦ୍ୱାରା ଲେଖାଯାଇଥିବା ତଫ୍‌ସିର୍ ସମ୍ବନ୍ଧରେ ପଚାରନ୍ତି ତାହେଲେ ମୁଁ ତାଙ୍କୁ କେଉଁ ତଫ୍‌ସିର୍ ପଢ଼ିବା ପାଇଁ ବତାଇବା ଉଚିତ? ଏହି ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ରେ ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:** ପୁରୁଣା ଜ୍ଞାନୀମାନଙ୍କର ସମସ୍ତ ତଫ୍‌ସୀର୍ ଗୁଡ଼ିକ ବହୁତ ଭଲ ମୁଁ ଆପଣଙ୍କ ପାଇଁ କିଛି ତଫ୍‌ସୀର୍ ଗୁଡ଼ିକର ନାମ ଏଠାରେ ଲେଖିଦେଉଛି ଉଦାହରଣ ସ୍ୱରୂପ ତୃତୀୟ ସଦି ହିଜ୍‌ରିରେ ଲେଖାଯାଇଥିବା ତଫ୍‌ସିର୍ ହେଉଛି ତିବ୍‌ରୀ ଯାହାର ପୂରା ନାମ ହେଉଛି ''ଜାମେଉଲ୍ ବୟାନ ସିତାୱିଲିଲ୍ କୁର୍‌ଆନ୍'' । ଏହି ତଫ୍‌ସିର୍‌କୁ ଅବୁ ଜାଫର୍ ମୁହମ୍ମଦ୍ ବିନ୍ ଜରିର୍ ବିନ୍ ୟଜିଦ୍ ବିନ୍ କସିର୍ ଅଲ୍‌ତିବ୍‌ରୀ ଲେଖିଛନ୍ତି । ଷଷ୍ଠ ଶତାବ୍ଦୀ ହିଜ୍‌ରୀରେ ଇମାମ୍ ଅବୁ ଅବ୍‌ଦୁଲ୍ଲାଃ ମୁହମ୍ମଦ ସଖରୁଦ୍ଦୀନ୍ ଇବ୍‌ନେ ଖତିବ୍ ରାଜିଙ୍କ ଗୋଟିଏ ତଫ୍‌ସୀର ହେଉଛି ''ମଫାତିହୁଲ୍ ଗଏବ୍'' ଏହା ''ଅଲ୍‌ତଫ୍‌ସୀର୍ ଅଲ୍‌କବୀର୍'' ନାମରେ ବହୁତ ପ୍ରସିଦ୍ଧ ଓ ଏହା ବହୁତ ସୁନ୍ଦର ତଫ୍‌ସୀର ଅଟେ । ସପ୍ତମ ସଦି ହିଜ୍‌ରୀରେ ଲେଖାଯାଇଥିବା ତଫ୍‌ସୀର୍‌ର ନାମ ହେଉଛି ''ଅଲ୍ ଜାମେଉଲ୍ ଅହକାମୁଲ୍ କୁର୍‌ଆନ୍'' ଏହି ତଫ୍‌ସୀର୍ ''ତଫ୍‌ସୀର୍ କର୍ତବି'' ନାମରେ ବହୁତ ପ୍ରସିଦ୍ଧ । ଏହି ତଫ୍‌ସୀର୍‌କୁ ବିଖ୍ୟାତ ଜ୍ଞାନୀ ଅବୁ ଅବ୍‌ଦୁଲ୍ଲାଃ ମୁହମ୍ମଦ ବିନ୍ ଅହ୍‌ମଦ୍ ବିନ୍ ଅବୁ ବକର୍ କର୍ତବି ଯିଏ ଇମାମେ କର୍ତବୀ ଭାବରେ ପ୍ରସିଦ୍ଧ ସେ ଲେଖିଛନ୍ତି । ଏତଦ୍‌ବ୍ୟତୀତ ତଫ୍‌ସୀର୍ ଜଲାଲିନ୍, ତଫ୍‌ସୀର୍ ଇବ୍‌ନେ କସିର୍ ଏବଂ ତଫ୍‌ସୀର୍ ରୁହୁଲ୍‌ମାନି ଇତ୍ୟାଦି ବହୁତ ସୁନ୍ଦର ଓ ପଢ଼ିବା ଯୋଗ୍ୟ ତଫ୍‌ସୀର୍ ଅଟନ୍ତି ।

**(ଜହିର୍ ଅହ୍‌ମଦ୍ ଖାନ୍ ମୁରବୀ ସିଲ୍‌ସିଲା ରେକର୍ଡ଼ ବିଭାଗ ଇନ୍‌ଚାର୍ଜ ପିଏସ୍ କାର୍ଯ୍ୟାଳୟ ଲଣ୍ଡନ)**

⌘⌘⌘⌘⌘⌘⌘⌘⌘⌘

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**ହଦିସ୍‌ଗୁଡ଼ିକରେ, ବିଶେଷତଃ ବୁଖାରୀ ଏବଂ ମୁସ୍‌ଲିମ୍ ହଦିସ୍‌ରେ କେଉଁଠାରେ ବି ଏ ସ୍ପଷ୍ଟିକରଣ ମିଳେନାହିଁ ଯେ ସୁନ୍ନତ ନମାଜର ଚାରି ରେକାତ୍‌ରେ ସୁରଃ ଫାତିହା ସହିତ ପବିତ୍ର କୁର୍‌ଆନ୍‌ର କିଛି ଆୟତ ନିଶ୍ଚିତ ପଢ଼ାଯାଉ ।**

**ଯେଉଁଭଳି ଫର୍ଜ ନମାଜଗୁଡ଼ିକରେ (ଧାର୍ଯ୍ୟ ଥିବା ନମାଜରେ) କେବଳ ପ୍ରଥମ ଦୁଇ ରେକାତ୍‌ରେ ସୁରଃ ଫାତିହା ପରେ ପବିତ୍ର କୁର୍‌ଆନ୍‌ର କିଛି ଆୟତ ପଢ଼ାଯାଇଥାଏ ସେହିଭଳି ସୁନ୍ନତ ନମାଜଗୁଡ଼ିକରେ ବି ପ୍ରଥମ ଦୁଇ ରେକାତ୍‌ରେ ହିଁ ସୁରଃ ଫାତିହା ପରେ ପବିତ୍ର କୁର୍‌ଆନ୍‌ର କିଛି ଆୟତ ପଢ଼ାଯିବ କିନ୍ତୁ ତୃତୀୟ ଓ ଚତୁର୍ଥ ରେକାତ୍‌ରେ କେବଳ ସୁରଃ ଫାତିହା ପଢ଼ିବାକୁ ହିଁ ଯଥେଷ୍ଟ ମଣାଯିବ । ମୋର ମଧ ଏହି ବିଶ୍ୱାସ ରହିଛି ।**

# ସୟଦନା ହଜରତ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ) ଅ:ବ:ଅଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚରାଯିବାରେ, ହଜୁର ଅ:ବ:ଅଙ୍କ ସାରଗର୍ଭିତ ଉତର

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

## ଭାଗ-୯

**ପ୍ରଶ୍ନ-** ଜଣେ ବନ୍ଧୁ ସୁନ୍ନତ୍ ନମାଜଗୁଡ଼ିକର ତୃତୀୟ ତଥା ଚତୁର୍ଥ ରେକାତ୍‌ରେ ସୁରଃ ଫାତିହା ସହିତ ପବିତ୍ର କୁର୍‌ଆନ୍‌ର କିଛି ଅଂଶ (ଅର୍ଥାତ ଆୟତ) ପାଠ କରିବା ପ୍ରସଙ୍ଗରେ ହଜୁର ଅ:ବ:ଅଙ୍କଠାରୁ ମାର୍ଗଦର୍ଶନ ଚାହିଁଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୪ ମାର୍ଚ୍ଚ ୨୦୧୯ରେ ନିମ୍ନଲିଖିତ ଉତର ପ୍ରଦାନ କରିଥିଲେ:-

**ଉତର:** ହଦିସ୍‌ଗୁଡ଼ିକରେ ଯେଉଁଭଳି ଫର୍ଜନମାଜର ପ୍ରଥମ ଦୁଇ ରେକାତ୍‌ରେ ସୁରଃ ଫାତିହା ପାଠ କରିବା ପରେ ପବିତ୍ର କୁର୍‌ଆନ୍‌ର କିଛି ଅଂଶ (ଅର୍ଥାତ କିଛି ଆୟତ-ଅନୁବାଦକ) ପାଠ କରିବା ପାଇଁ ସ୍ପଷ୍ଟ ଭାବରେ ବର୍ଣ୍ଣନା ମିଳୁଅଛି, ସେହିଭଳି ହଦିସ୍‌ଗୁଡ଼ିକରେ ବିଶେଷତଃ ସହି ମୁସ୍‌ଲିମ୍ ତଥା ସହି ମୁସ୍‌ଲିମ୍‌ରେ କୌଣସି ସ୍ପଷ୍ଟିକରଣ ମିଳେନାହିଁ ଯେ ସୁନ୍ନତ ନମାଜ୍‌ର ଚାରି ରେକାତ୍‌ରେ ସୁରଃ ଫାତିହା ସହିତ ପବିତ୍ର କୁର୍‌ଆନ୍‌ର କିଛି ଅଂଶ ପଢ଼ାଯାଉ ।

ଫୋକହାଅ (ଅର୍ଥାତ ଧର୍ମବିଧାନ ସମ୍ବନ୍ଧୀୟ ଜ୍ଞାନ ରଖିଥିବା ବିଜ୍ଞ ଲୋକ)ମାନଙ୍କର ମଧ ଏ ପ୍ରସଙ୍ଗରେ ମତଭେଦ ରହିଛି । ସୁତରାଂ ମାଲିକି ଏବଂ ହମ୍ବଲି ଗୋଷ୍ଠୀର ଲୋକମାନେ ସୁନ୍ନତ ନମାଜର ସମସ୍ତ ରେକାତ୍‌ରେ ସୁରଃ ଫାତିହା ସହିତ ପବିତ୍ର କୁର୍‌ଆନ୍‌ର କିଛି ଅଂଶ ପାଠ କରିଥାନ୍ତି କିନ୍ତୁ ହନଫି ତଥା ଶାଫିଇ ଗୋଷ୍ଠୀର ଲୋକମାନେ ତୃତୀୟ ଓ ଚତୁର୍ଥ ରେକାତ୍‌ରେ ସୁରଃ ଫାତିହା ପରେ ପବିତ୍ର କୁର୍‌ଆନ୍‌ର କୌଣସି ଅଂଶ ପଢ଼ନ୍ତି ନାହିଁ ।

ହଜରତ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମୁଲ୍ଲାଃ ତାଲାଙ୍କ ନିକଟରେ ଏ ପ୍ରସଙ୍ଗରେ ଫର୍ଜ ନମାଜ ହେଉ ବା ସୁନ୍ନତ ନମାଜ, ଏଥିରେ କୌଣସି ପ୍ରଭେଦ ନାହିଁ । ଯେଉଁଭଳି ଫର୍ଜ ନମାଜର କେବଳ ପ୍ରାରମ୍ଭିକ ଦୁଇ ରେକାତ୍‌ରେ ସୁରଃ ଫାତିହା ପରେ ପବିତ୍ର କୁର୍‌ଆନ୍‌ର କିଛି ଅଂଶ (ଆୟତ) ପାଠ କରାଯାଇଥାଏ ସେହିଭଳି ସୁନ୍ନତ ନମାଜରେ ମଧ କେବଳ ପ୍ରାରମ୍ଭିକ ଦୁଇ ରେକାତ୍‌ରେ ହିଁ ସୁରଃ ଫାତିହା ପଢ଼ିବା ପରେ ପବିତ୍ର କୁର୍‌ଆନ୍‌ର କିଛି ଅଂଶ ପଢ଼ାଯିବ । ତୃତୀୟ ଏବଂ ଚତୁର୍ଥ ରେକାତ୍‌ରେ କେବଳ ସୁରଃ ଫାତିହାକୁ ହିଁ ଯଥେଷ୍ଟ ମଣାଯିବ । ଏବଂ ଏଥିରେ ମୁଁ ସହମତ ।

**ପ୍ରଶ୍ନ:** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଏହା ଜାଣିବାକୁ ଚାହିଁଲେ ଯେ ଏବେ ଏବେ କୌଣସି ଏକ ଦେଶରେ ରଜମ୍ ଦଣ୍ଡ (ଅର୍ଥାତ ପଥର ମାରି ଜଣଙ୍କୁ ହତ୍ୟା କରିବା- ଅନୁବାଦକ) ଦିଆଯାଇଅଛି । କ'ଣ ଏ ଯୁଗରେ ମଧ ରଜମ୍ ଦଣ୍ଡ ଦିଆଯାଇପାରିବ ? ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୪ ମାର୍ଚ୍ଚ ୨୦୧୯ରେ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ପ୍ରଦାନ କରିଛନ୍ତି ।

**ଉତର:** ଇସ୍‌ଲାମ୍‌ର ଯେଉଁ ଶିକ୍ଷାଦାନ ରହିଛି, ସେଥିରେ ଦଣ୍ଡ ଦେବାର ବ୍ୟବସ୍ଥା ରଖାଯାଇଅଛି । ଏହା କୌଣସି ଯୁଗ ତଥା କୌଣସି ଦେଶ ସହିତ ବିଶେଷ ଭାବରେ ଜଡ଼ିତ ନୁହେଁ ବରଂ ଏହା ବୈଶ୍ୱିକ ଓ ସ୍ଥାୟୀ ଅଟେ । କିନ୍ତୁ ଇସ୍‌ଲାମୀୟ ଧର୍ମ ବିଧାନରେ ଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଏକଥା ସର୍ବଦା ଧାନ ରଖିବା ଉଚିତ ଯେ ଏହାର ସାଧାରଣତଃ ଦୁଇଟି ପାର୍ଶ୍ୱ ରହିଛି ଗୋଟିଏ ଚରମ ଦଣ୍ଡ ବ୍ୟବସ୍ଥା ଓ ଆଉ ଗୋଟିଏ ଅଳ୍ପ ପରିମାଣର ଦଣ୍ଡ ବ୍ୟବସ୍ଥା । ଏହି ଦଣ୍ଡ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ମନ୍ଦକାର୍ଯ୍ୟକୁ ରୋକିବା ଏବଂ ଅନ୍ୟମାନଙ୍କ ପାଇଁ ଏଥିରୁ ଶିକ୍ଷା ମିଳୁ ।

ଅତଏବ ଯଦି ବ୍ୟଭିଚାର ଦୁଇପକ୍ଷଙ୍କ ପାରସ୍ପରିକ ସମ୍ମତି ଦ୍ୱାରା ହୋଇଥାଏ ଏବଂ ତାହା ଇସ୍‌ଲାମୀୟ ସାକ୍ଷ୍ୟ ପଦ୍ଧତି ଦ୍ୱାରା ପ୍ରମାଣ ହୋଇଯାଏ ତା'ହେଲେ ଦୁଇପକ୍ଷଙ୍କୁ ଶହେ କରୋଡ଼ା ଲାଗେ କରୋଡ଼ା ମାଡ଼ ଦେବାର ଦଣ୍ଡ ବିଧାନ ଦେବା ପାଇଁ ନିର୍ଦ୍ଦେଶ ଅଛି । କିନ୍ତୁ ଯେଉଁ ବ୍ୟଭିଚାର ବଳ ପ୍ରୟୋଗ କରାଯାଇ ଜୋର ଜବରଦସ୍ତି କରାଯାଏ ଓ ସେଥିରେ ଅତ୍ୟନ୍ତ ବର୍ବର ଅତ୍ୟାଚାରର ମାନସିକତା ମିଳେ ବା କୌଣସି ଜାନି (ବ୍ୟଭିଚାରୀ) ଛୋଟ ପିଲାମାନଙ୍କୁ ଅତ୍ୟାଚାର କରି ଏପରି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଥାଏ, ତା'ହେଲେ ଏପରି ଜାନି ବ୍ୟକ୍ତିର ଦଣ୍ଡ କେବଳ ଶହେ କୋଡ଼ା ଚାବୁକ ମାଡ଼ ହେବନାହିଁ । ବରଂ ଏପରି ଜାନିକୁ ପବିତ୍ର କୁର୍‌ଆନ୍‌ର ସୁରଃ ଅଲ୍‌ମାଇଦାଃର ଆୟତ ନଂ-୩୪ ଏବଂ ସୁରଃ ଅହ୍‌ଜାବ୍‌ର ଆୟତ ନଂ-୬୧-୬୩ରେ ବର୍ଣ୍ଣିତ ଶିକ୍ଷା ଅନୁସାରେ ହତ୍ୟା କରିବା ତଥା ପଥର ଫିଙ୍ଗି ବଧ କରିବା ପରି ଚରମଦଣ୍ଡ ମଧ ଦିଆଯାଇପାରେ । କିନ୍ତୁ ଏହି ଦଣ୍ଡାଦେଶର ନିଷ୍ପତି କରିବାର କ୍ଷମତା ସରକାରଙ୍କ ହାତରେ ଦିଆଯାଇଅଛି । ଏହି ଶିକ୍ଷା ମାଧମର ସାଧାରଣତଃ ସରକାରଙ୍କ ପାଇଁ ଏକ ରାସ୍ତା/ମାର୍ଗ ଖୋଲି ଦେଇଛି ।

**ପ୍ରଶ୍ନ:** ଗୋଟିଏ ସମୟରେ ଦିଆଯାଇଥିବା ତିନି ତଲାକ, କ୍ରୋଧିତ ଅବସ୍ଥାରେ ଦିଆଯାଇଥିବା ତଲାକ୍ ଏବଂ ତଲାକ ନିମନ୍ତେ ସାକ୍ଷ୍ୟ ଦେବାର ବ୍ୟବସ୍ଥା ବିଷୟରେ ଜଣେ ବନ୍ଧୁ ପଚାରିବାରୁ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ଏକ ଜୁନ୍ ୨୦୧୯ ରେ ନିମ୍ନଲିଖିତ ଉତର ପ୍ରଦାନ କରିଛନ୍ତି:-

**ଉତର:** ଯେବେ ଜଣେ ପୁରୁଷ ନିଜ ପତ୍ନୀଙ୍କୁ ସମ୍ପୂର୍ଣ୍ଣ ହୋଶ୍‌ରେ (ଅର୍ଥାତ ସମ୍ପୂର୍ଣ୍ଣ ଜ୍ଞାନରେ) ଥିବା ଅବସ୍ଥାରେ ତଲାକ୍ ଦିଏ ଓ ସେହି ତଲାକ୍ ମୌଖିକ ହେଉ ବା ଲିଖିତ, ପ୍ରତ୍ୟେକ ସ୍ଥଳେ ଏହା ପ୍ରଭାବୀ ହେବ । ଯଦିଓ ଗୋଟିଏ ବୈଠକରେ ତିନିଥର ଦିଆଯାଇଥିବା ତଲାକ୍‌କୁ କେବଳ ଥରୁଟିଏ ଗଣନା କରାଯିବ । ସୁତରାଂ ହଦିସ୍ ପୁସ୍ତକ ଗୁଡ଼ିକରେ ହଜରତ ରକାନା ବିନ୍ ଅବ୍‌ଦ ୟଜିଦ୍ ର:ଅଙ୍କର ଗୋଟିଏ ଘଟଣା ମିଳୁଛି ଯେ ସେ ନିଜ ପତ୍ନୀଙ୍କୁ ଗୋଟିଏ ସମୟରେ ତିନିଥର ତଲାକ ଦେଇ ଦେଇଥିଲେ । ପରେ ସେ ସେଥିଯୋଗୁଁ ବହୁତ ଦୁଃଖ ଅନୁଭବ କରିଥିଲେ । ଯେତେବେଳେ ଏହି ପ୍ରସଙ୍ଗ ଆଁ ହଜରତ ସ:ଆ:ସଙ୍କ ନିକଟରେ ପହଂଚିଲା, ଆପଣ ସ:ଆ:ସ କହିଲେ ଯେ ଏମିତି କେବଳ ଗୋଟିଏ ତଲାକ ଗଣାହେବ । ଯଦି ତୁମେ ଚାହିଁବ ରୁଜୁ (ଅର୍ଥାତ ପତ୍ନୀଙ୍କ ପାଖକୁ ଫେରିଯାଇ ପାରିବ ଅତଏବ ସେ ନିଜ ତଲାକ୍‌ରୁ ରୁଜୁ କରି ନେଲେ ଓ ପୁଣି ସେହି ପତ୍ନୀଙ୍କୁ ହଜରତ ଉମର ର:ଅଙ୍କ ଖିଲାଫତ୍ ସମୟରେ ଦ୍ୱିତୀୟ ତଲାକ୍ ଓ ହଜରତ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ତୃତୀୟ ତଲାକ୍ ଦେଲେ । ***(ସୁନନେ ଅବି ଦାଉଦ୍, କିତାବୁଲ୍ ତଲାକ୍, ବାବ୍- ଫିଲ୍ ବତ୍‌ତା)***

ହଜରତ ମସିହ୍ ମଉଦ୍ ଆ:ସ ଏ ସମ୍ବନ୍ଧରେ କହିଛନ୍ତି:- 'ତଲାକ୍ ଗୋଟିଏ ସମୟରେ (ଅର୍ଥାତ ଏକାଥରକେ) ପୂର୍ଣ୍ଣ ହୋଇପାରିବ ନାହିଁ । ତଲାକ୍‌ରେ ତିନୋଟି ତୁହର୍ (ଅର୍ଥାତ ପବିତ୍ରତାର ସମୟ) ଜରୁରୀ । ଫୋକ୍‌ହାଆ ମାନେ ଏକା ଥରକେ ତିନୋଟି ତଲାକ ଦେବାକୁ ଉଚିତ ମଣିଛନ୍ତି । କିନ୍ତୁ ତା ସହିତ ଏକଥା ପ୍ରତି ଧାନ ମଧ ଦିଆଯାଇଅଛି ଯେ **ଇଦତ୍** ପରେ ଯଦି ସ୍ୱାମୀ ସ୍ତ୍ରୀଙ୍କ ନିକଟକୁ ଆସିବାକୁ ଚାହାନ୍ତି, ତା'ହେଲେ ସେହି ପତ୍ନୀ ତା ପୂର୍ବତନ ସ୍ୱାମୀଙ୍କୁ ନିକାହ କରିପାରିବେ ବା ସେ ଆଉ ଅନ୍ୟ କାହାକୁ ବି ବିବାହ ହୋଇପାରିବେ ।'' ***(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୭, ମୁଦ୍ରିତ ୨୦୧୬)***

ସେହିପରି ଯଦି କୌଣସି ବ୍ୟକ୍ତି ନିଜ ପତ୍ନୀଙ୍କୁ ତଲାକ୍ ଦିଏ ତା'ହେଲେ ସେ ତା (ପତ୍ନୀ)ର କୌଣସି ଅସହ୍ୟ ତଥା ନିରର୍ଥକ କାର୍ଯ୍ୟରେ ଅତିଷ୍ଠ ହୋଇ ଏପରି ପଦକ୍ଷେପ ଉଠାଇଥାଏ । ପତ୍ନୀ ଉପରେ ଖୁସି ହୋଇ କୌଣସି ସ୍ୱାମୀ ନିଜ ପତ୍ନୀକୁ ତଲାକ୍ ଦିଏନାହିଁ । ତେଣୁ ଏପରି କ୍ରୋଧିତ ଅବସ୍ଥାରେ ଦିଆଯାଇଥିବା ତଲାକ୍ ମଧ ପ୍ରଭାବୀ ହେବ । ଯଦି କୌଣସି ଲୋକ ଏତେ ମାତ୍ରାରେ ରାଗିଯାଇଥାଏ ଯେ ତା'ର ଅବସ୍ଥା ଜଣେ ପାଗଳ ଲୋକର ଅବସ୍ଥା ପରି ହୋଇଯାଏ ଓ ପୁଣି ସେ ନିଜର

ପରିଣାମ ବିଷୟରେ କୌଣସି ଚିନ୍ତା ବିଚାର ନ କରି ଶୀଘ୍ର ଶୀଘ୍ର ନିଜ ପତ୍ନୀଙ୍କୁ ତଲାକ ଦେଇଦିଏ । ପୁଣି ତା'ର ସେହି କ୍ରୋଧ ଓ ପାଗଳାମି ର ଅବସ୍ଥା ଶାନ୍ତ ହୋଇଯିବା ପରେ, ସେ ନିଜ ଭୂଲ ଯୋଗୁଁ ଅନୁତାପ କରିଥାଏ । ଏହି ପ୍ରକାରର ପରିସ୍ଥିତି ବିଷୟରେ ପବିତ୍ର କୁରଆନ୍ ଏ ଶିକ୍ଷା ଦେଇଛି ଯେ **ଲାୟୁଆଖିଜୁକୁମୁଲ୍ଲାହୁ ବିଲ୍ ଲଗ୍ୱି ଫି ଅଇମାନିକୁମ୍ ଓ୍ୱଲାକିନ୍ ୟୁଆଖିଜୁକୁମ୍ ବିମା କସବତ୍ କୁଲୁବୁକୁମ୍, ଓ୍ୱଲ୍ଲାହୁ ଗଫୁରୁନ୍ ହଲିମ୍ (ସୁରଃ ଅଲ୍‌ବକ୍‌ରାଃ୨୨୬)** ଅର୍ଥାତ ଅଲ୍ଲାଃ ତୁମମାନଙ୍କର ଅଯଥା ଶପଥ ଲାଗି ତୁମମାନଙ୍କୁ ଧରିବେ ନାହିଁ କିନ୍ତୁ ତୁମମାନଙ୍କ ଅନ୍ତର (ଇଚ୍ଛା କରି) ଯାହା କିଛି ପାପ କରିଥାଏ ସେଥିପାଇଁ ଅବଶ୍ୟ ସେ ତୁମମାନଙ୍କୁ ଧରିବେ; ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସହନଶୀଳ ।

ଯେଉଁଠି ତଲାକ ନିମନ୍ତେ ସାକ୍ଷି ଦେବା କଥା ଉଠୁଛି, ଏହା ଏଥିପାଇଁ ରଖାଯାଇଅଛି ଯେ ବିବାଦ ଉପୁଜିବା ସ୍ଥଳେ ନିଷ୍ପତି ନେବା ପାଇଁ ସହଜ ହେବ । କିନ୍ତୁ ଯଦି ପତି ପତ୍ନୀ ଛାଡ଼ପତ୍ର (ତଲାକ) ପାଇଁ ରାଜି ହୁଅନ୍ତି ଓ ଏଥିରେ କୌଣସି ବିବାଦ ନ ରହେ ତା'ହେଲେ ବିନା କୌଣସି ସାକ୍ଷ୍ୟରେ ବି ଏମିତି ତଲାକ୍ ପ୍ରଭାବଶାଳୀ ହେବ । ଅତଃ ତଲାକ ପାଇଁ ସାକ୍ଷୀ ରହିବା ଏକ ଭଲକଥା କିନ୍ତୁ ଜରୁରୀ ବି ନୁହେଁ । ଅତଏବ ପବିତ୍ର କୁରଆନ୍‌ରେ ତଲାକ୍ ଏବଂ ରୁଜୁ ପ୍ରସଙ୍ଗରେ ଯେଉଁଠି ସାକ୍ଷୀ ରହିବା କଥା ଉଲ୍ଲେଖ ଅଛି ସେଠି ତାକୁ ଏକ ଉପଦେଶ ଭାବରେ ଅଭିହିତ କରାଯାଇଅଛି । ଅଲ୍ଲାଃ ତାଲା କହିଛନ୍ତି:- **ଫଇଜା ବଲଗ୍‌ନା ଅଜଲହୁନ୍ନା.. .......ଓ୍ୱ ମଇଁ ଯତ୍‌ତକିଲ୍ଲାହା ୟଜ୍‌ଅଲ୍ ଲହୁ ମଖ୍‌ରଜା (ସୁରଃ ଅତ୍‌ତଲାକ୍:୩)** ଅର୍ଥାତ:- ତା'ପରେ ଯେତେବେଳେ ମହିଳାମାନେ ଇଦ୍‌ଦତର ଶେଷ ସୀମାରେ ପହଂଚି ଯାଆନ୍ତି ସେତେବେଳେ ସେମାନଙ୍କୁ ସମୁଚିତ ପନ୍ଥାରେ ଅଟକାଅ ବା ସେମାନଙ୍କୁ ସମୁଚିତ ପନ୍ଥାରେ ବିଦାୟ ଦିଅ ଏବଂ ତୁମମାନଙ୍କ ମଧ୍ୟରୁ ଦୁଇଜଣ ନ୍ୟାୟ ପରାୟଣ ସାକ୍ଷୀ ନିଯୁକ୍ତ କର ଏବଂ ଅଲ୍ଲାଙ୍କ ସକାଶେ ସତ୍ୟ ସାକ୍ଷ୍ୟ ପ୍ରଦାନ କର; ତୁମମାନଙ୍କ ମଧ୍ୟରୁ ଯେ କେହି ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ କରେ, ତାହାକୁ ଏହି ଉପଦେଶ ଦିଆଯାଇଅଛି; ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରିବ, ଅଲ୍ଲାଃ ତା' ସକାଶେ କୌଣସି ନା କୌଣସି ପଥ ଉନ୍ମୁକ୍ତ କରିଦେବେ ।

ସୁତରାଂ ଫୋକ୍‌ହାଆ ଅରବାଆ (ଅର୍ଥାତ ଚାରିଜଣ ପ୍ରଶିଦ୍ଧ ଓ ବିଶିଷ୍ଟ ଧର୍ମ ଶାସ୍ତ୍ରଜ୍ଞ- ଅନୁବାଦକ) ମଧ୍ୟ ଏ କଥାରେ ସହମତ ଯେ ଯଦି କୌଣସି ବ୍ୟକ୍ତି ବିନା ସାକ୍ଷୀ ଏବଂ ଗହ୍ୱାରେ ତଲାକ ଦେଇଦିଏ ବା ରୁଜୁ କରେ ତା'ହେଲେ ତା ତଲାକ୍ ତଥା ରୁଜୁ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।

**ପ୍ରଶ୍ନ:-** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ମାର୍ଗଦର୍ଶନ ଚାହିଁଲେ ଯେ ପବିତ୍ର କୁରଆନ୍ ପାଠ କରବା ପରେ ଲୋକମାନେ **'ସଦକଲ୍ଲାହୁଲ୍ ଅଜିମ୍'** ପଢୁଛନ୍ତି, ଏହାର ଯଥାର୍ଥତା କେତେ ? ଏହି ପ୍ରଶ୍ନର ଉତର ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୧ ଜୁନ୍ ୨୦୧୯ରେ ନିମ୍ନଲିଖିତ ପ୍ରଦାନ କରିଛନ୍ତି:-

**ଉତର:** ମୁଁ ଏ ସମ୍ବନ୍ଧରେ ଗବେଷଣା କରାଇଲି । ଏ ପ୍ରସଙ୍ଗରେ ଓ୍ୱଲେମା ମାନଙ୍କର ଦୃଷ୍ଟିକୋଣ ଉଭୟ ଦୁଇ ପ୍ରକାରର ରହିଛି । ଯେଉଁମାନେ ଏକଥାକୁ ଉଚିତ ମଣୁଛନ୍ତି, ସେମାନେ ପବିତ୍ର କୁରଆନ୍‌ର କେତେକ ଆୟତ ତଥା କେତେକ ହଦିସ୍‌ରୁ ଏହାର ଔଚିତ୍ୟତାର ମାର୍ଗ ବାହାର କରିଛନ୍ତି । ମୋର ମଧ ଏହି ମତ ଯେ ଯଦି କୌଣସି ବ୍ୟକ୍ତି ତିଲାଓ୍ୱତ୍ (ପବିତ୍ର କୁରଆନ୍ ପାଠ)କରିବା ପରେ ଉପୋରକ୍ତ ବାକ୍ୟ **''ସଦକଲ୍ଲାହୁଲ୍ ଅଜିମ୍''**ଉଚ୍ଚାରଣ କରେ, ତା'ହେଲେ ଏଥିରେ କୌଣସି ଅସୁବିଧା ନାହିଁ । କାରଣ ଏଥିରେ କୌଣସି ଖରାପ କଥା ହିଁ ନାହିଁ ବରଂ ଅଲ୍ଲାଃ ତାଲାଙ୍କ ବାଣୀର ସତ୍ୟତା ପାଇଁ ତସ୍‌ଦିକ୍ କରାଯାଉଅଛି । କିନ୍ତୁ ଏହି ବାକ୍ୟର ଅର୍ଥ ନ ଜାଣି କେବଳ ଗୋଟିଏ ପ୍ରଥା/ରିତୀ ଅନୁସାରେ ତାହାକୁ ଆବୃତି କରିବା ଗୋଟିଏ ବୃଥା ଓ ନିରର୍ଥକ କାର୍ଯ୍ୟ ହେବ ।

**ପ୍ରଶ୍ନ:-** ଜଣେ ମୁସାଫିର୍ (ପଥିକ) ପାଇଁ ରମ୍‌ଜାନ୍‌ର ରୋଜା ନ ରଖିବା ପ୍ରସଙ୍ଗରେ ସୟଦନା ହଜରତ ମସିହ୍ ମଉଦ୍ ଆ:ସ ଏବଂ ହଜରତ ମୁସ୍‌ଲେହ୍ ମଉଦ୍ ର:ଅଙ୍କ କିଛି କଥନକୁ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରେ ଉପସ୍ଥାପନ କରି ଏ ସମ୍ବନ୍ଧରେ ମାର୍ଗଦର୍ଶନ ଚାହିଁଲେ । ଏ ପ୍ରସଙ୍ଗରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୧ ଜୁନ୍ ୨୦୧୯ ରେ ନିମ୍ନଲିଖିତ ଉତର ଦେଇଛନ୍ତି:-

**ଉତର:** ଆପଣଙ୍କ ଚିଠିରେ ବର୍ଣ୍ଣିତ ଦୁଇ ପ୍ରକାରରେ କଥନରେ କୌଣସି ବିବାଦ ନାହିଁ । ହଜରତ ମସିହ୍ ମଉଦ୍ ଆ:ସ ଏବଂ ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଉଭୟେ ପବିତ୍ର କୁରଆନ୍‌ର ସ୍ୱଷ୍ଟ ଆଦେଶର ଆଲୋକରେ ଏ କଥା କହିଛନ୍ତି ଯେ ମୁସାଫିର ଏବଂ ରୋଗୀଙ୍କୁ ରୋଜା ରଖିବା ଉଚିତ ନୁହେଁ । ଯଦି କୌଣସି ବ୍ୟକ୍ତି ବିମାରୀରେ ତଥା ଯାତ୍ରା କରୁଥିବା ଅବସ୍ଥାରେ ରୋଜା ରଖିଥାଏ, ତା'ହେଲେ ସେ ଖୁଦାତାଲାଙ୍କ ସ୍ୱଷ୍ଟ ନିର୍ଦ୍ଦେଶ/ଆଦେଶକୁ ଉଲଙ୍ଘନ କରୁଅଛି ।

ଯେଉଁଠି ହଜରତ ମୁସ୍‌ଲେହ୍ ମଉଦ ର:ଅଙ୍କ ବାଣୀ **''ରୋଜା ମେଁ ସଫର୍ ହୈ- ସଫର୍ ମେଁ ରୋଜା ନେହିଁ''** ର କଥା ଉଠୁଛି; ଯଦି ସେହି ଖୁତ୍‌ବାଟିକୁ ସମ୍ପୂର୍ଣ୍ଣ ରୂପେ ଧ୍ୟାନ ଦେଇ ପଢ଼ାଯାଏ, ଏକଥା ସ୍ୱଷ୍ଟ ହୋଇଯାଉଛି ଯେ ହଜୁର ବାସ୍ତବରେ ଏ ପ୍ରସଙ୍ଗରେ ଭିନ୍ନ ଭିନ୍ନ ଉଦାହରଣ ଉପସ୍ଥାପନ କରି ବୁଝାଇଛନ୍ତି ଯେ, ଏପରି ଯାତ୍ରା (ସଫର୍) ଯାହା ପୂର୍ଣ୍ଣ ପ୍ରସ୍ତୁତିର ସହିତ ଯାତ୍ରା କରିବା ନିମନ୍ତେ ଯେଉଁ ସାମଗ୍ରୀ ଆବଶ୍ୟକ, ସେ ସମସ୍ତ ସାମଗ୍ରୀକୁ ସାଥିରେ ଧରି କେବଳ ଯାତ୍ରା କରିବା ଉଦ୍ଦେଶ୍ୟରେ କରାଯାଇଥାଏ, ସେହି ଯାତ୍ରା କେତେ ଅଳ୍ପ ସମୟର ଯାତ୍ରା ହେଉ ନା କାହିଁକି, ସେହି ଯାତ୍ରାରେ ରୋଜା ନ ରଖିବା ପାଇଁ ଶରିୟତ୍ (ଇସ୍‌ଲାମୀୟ ଧର୍ମ ବିଧାନ) ଆଦେଶ ଦେଇଛି । କିନ୍ତୁ ଏପରି ଯାତ୍ରା, ଯାହା ବୁଲାବୁଲି କରିବା ଉଦ୍ଦେଶ୍ୟରେ ବା କୌଣସି Trip ତଥା Enjoyment ପାଇଁ କରାଯାଏ, ତାହା ରୋଜା ରଖିବା ଦୃଷ୍ଟିକୋଣରୁ ଯାତ୍ରା କରିବାର ଅର୍ଥରେ ଗଣନା ହେବନାହିଁ । ବରଂ ଏପରି ଅବସ୍ଥାରେ ରୋଜା ରଖାଯିବ । ଅତଃ ସଫର୍ (ଯାତ୍ରା) ବେଳେ ରୋଜା ରଖିବା ପ୍ରସଙ୍ଗରେ ତାଙ୍କର ଅନ୍ୟାନ୍ୟ କଥନଗୁଡ଼ିକ ମଧ୍ୟ ଏହି ଦୃଷ୍ଟିକୋଣକୁ ସମର୍ଥନ କରୁଅଛି ।

**ପ୍ରଶ୍ନ-** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏକଥା ଜାଣିବା ପାଇଁ ନିବେଦନ କଲେ ଯେ କ'ଣ ଝିଅଟି ନିଜ ବିବାହ ସମୟରେ ନିଜେ ଏଜାବ୍ ଓ୍ୱ କୁବୁଲ୍ (ଅର୍ଥାତ ବିବାହ ସମୟରେ ବିବାହ ପାଇଁ ଝିଅଠାରୁ ନିଆଯାଉଥିବା ସମ୍ମତି) କହିପାରିବ କି ? ପୁଣି ନିକାହର ଘୋଷଣା ସମୟରେ କ'ଣ ହକ୍ ମହର୍ (ପତ୍ନୀଙ୍କୁ ଦେବା ପାଇଁ ଧାର୍ଯ୍ୟ କରାଯାଇଥିବା ଅର୍ଥରାଶି) ର ଚର୍ଚ୍ଚା କରିବା ଜରୁରୀ ? ହଜୁର ଅନଓ୍ୱର ଅ:ବ:ଅ ଏହି ପ୍ରଶ୍ନଗୁଡ଼ିକର ଉତର ନିଜର ଚିଠି ଲିଖିତ ୨୨ ଜୁଲାଇ ୨୦୧୯ ରେ ନିମ୍ନଲିଖିତ ପ୍ରଦାନ କରିଛନ୍ତି:-

**ଉତର:** ଅଲ୍ଲାଃ ତାଲା ପବିତ୍ର କୁରଆନ୍‌ରେ ଯେଉଁଠି ମୁସଲମାନ ପୁରୁଷଙ୍କୁ ମୋମିନ୍ ମହିଳାମାନଙ୍କ ସହିତ ଏବଂ ମୁସଲମାନ ମହିଳାମାନଙ୍କୁ ମୋମିନ୍ ପୁରୁଷମାନଙ୍କ ସହିତ ନିକାହ୍ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଅଛି, ସେଠାରେ ଅଲ୍ଲାଃ ତାଲା ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ଅଲଗା ଅଲଗା ବାକ୍ୟ ବ୍ୟବହାର କରିଛି । ଅତଏବ୍ ପୁରୁଷମାନଙ୍କ ପାଇଁ କହିଛି **''ଓ୍ୱଲା ତନ୍‌କିହୁଲ୍ ମୁଶ୍‌ରିକାତି''** ଅର୍ଥାତ ତୁମେମାନେ ମୁସ୍‌ରିକ୍ ମହିଳାଙ୍କୁ ବିବାହ କରନାହିଁ । ପୁଣି ମହିଳାମାନଙ୍କ ନିମନ୍ତେ ଅଲ୍ଲାଃ ତାଲା କହିଛନ୍ତି:- **''ଓ୍ୱଲା ତୁନ୍‌କିହୁଲ୍ ମୁଶ୍‌ରିକିନ୍''** ଅର୍ଥାତ ତୁମେ (ନିଜ ଝିଅମାନଙ୍କୁ) ମୁଶ୍‌ରିକ୍ ପୁରୁଷମାନଙ୍କ ସହିତ ବିବାହ କରାଅ ନାହିଁ ।

ଏଠାରେ ଏହି ଆୟତରେ ଅଲ୍ଲାଃ ତାଲା ମହିଳାମାନଙ୍କ ଅଭିଭାବକଙ୍କ ଉପରେ ଏହିଭଳି ବିବାହ କରାଇବା ନିମନ୍ତେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ତେଣୁ ନିକାହ୍ ଘୋଷଣା କରାଯିବା ସମୟରେ ଝିଅ ତରଫରୁ ତା'ର ଓ୍ୱଲି (ଅଭିଭାବକ) ଏଜାବ ଓ୍ୱ କୁବୁଲ୍ କରିଥାଏ । ହଜରତ ମସିହ୍ ମଉଦ୍ ଆ:ସ ଏହି କଥା ପ୍ରତ ଧ୍ୟାନ ଆକର୍ଷଣ କରାଇ କହିଛନ୍ତି:-

''ଜଣେ ମହିଳା ନିଜେ ବିବାହ ଭାଙ୍ଗି ଦେବା ପାଇଁ ଅଧିକାର ରଖୁନାହିଁ । ଯେମିତି ସେ ନିଜେ ବିବାହ କରିବା ପାଇଁ ମଧ୍ୟ ଅଧିକାର ରଖିନଥାଏ । ବରଂ ଶାସକ ମାଧ୍ୟମରେ ନିଜ ବିବାହକୁ ଭାଙ୍ଗି ଦେଇପାରେ ଯେମିତି ସେ ଓ୍ୱଲି (ଅଭିଭାବକ)ଙ୍କ ଜରିଆରେ ନିକାହ୍ କରିଥାଏ ।'' ***(ଆର୍‌ୟା ଧରମ୍ ପୃ-୩୨, ରୁହାନୀ ଖଜାଇନ୍ ଖଣ୍ଡ-୧୦, ପୃ-୩୭)***

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତ୍ତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 24 Feb- 03 Mar 2022 Issue No. 8-9

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଅତଏବ ନିକାହ ଘୋଷଣା ସମୟରେ ଏଜାବ୍ ଓ୍ୱ କୁବୁଲ୍ କରିବା ସମୟରେ ଝିଅ ତରଫରୁ ତା'ର ଅଭିଭାବକ (ଓ୍ୱଲି) ଏହି କର୍ତବ୍ୟ/ଦାୟିତ୍ୱ କୁ ନିର୍ବାହ କରିବ ଏବଂ ଆମ ଜମାତ୍‌ର ରୀତି ମଧ୍ୟ ଏପରି ରହିଛି ।

ଯେଉଁଠି ନିକାହ୍ ଘୋଷଣା କରିବା ସମୟରେ ହକ୍ ମହର୍ କଥା ଉପସ୍ଥାପନ କରିବାର ବିଷୟ ଉଠୁଛି, ଏହା ଜରୁରୀ ନାହିଁ, କାରଣ ପବିତ୍ର କୁର୍‌ଆନ୍‌ରେ ଆଦେଶାବଳୀ ମୁତାବକ ହକ୍‌ମହର୍ ଧାର୍ଯ୍ୟ କରିବା ବିନା ମଧ୍ୟ ନିକାହ୍ ହୋଇପାରିବ । ଯେମିତି କି ଅଲ୍ଲାଃ ତାଲା କହିଛନ୍ତି:- **ଲା ଜୁନାହା ଆଲୈକୁମ୍ ଇନ୍ ତଲ୍ଲକ୍‌ତୁମୁନ୍ ନିସାଆ ମା ଲମ୍.............. ହକ୍‌କନ୍ ଅଲଲ୍ ମୁହ୍‌ସିନିନା (ସୁରଃ ବକ୍‌ରାଃ:୨୩୭)**

ଅର୍ଥାତ:- ଯଦି ତୁମେମାନେ ନିଜ ପତ୍ନୀମାନଙ୍କୁ ସ୍ୱର୍ଶ ନ କରିଥିବା ବା ହକ୍‌ମହର ସ୍ଥିର ନ କରିଥିବା ଅବସ୍ଥାରେ ମଧ୍ୟ ତଲାକ ଦିଅ ତେବେ ସେଥିରେ ତୁମମାନଙ୍କର କୌଣସି ପାପ ହେବନାହିଁ । ଏବଂ (ଏପରି ପରିସ୍ଥିତିରେ ଉଚିତ ହେବ ଯେ) ତୁମେମାନେ ସେମାନଙ୍କୁ ଧନବାନ୍ ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ ଓ ଦରିଦ୍ର ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ (ଦେବା ଆବଶ୍ୟକ) (ଆମ୍ଭେ) ପୂଣ୍ୟବାନ ବ୍ୟକ୍ତିଙ୍କ ପାଇଁ (ଏପରି କରିବା) ଧାର୍ଯ୍ୟ କରିଛୁ ।

**ପ୍ରଶ୍ନ:** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ନ୍ୟାଶନାଲ୍ ମଜ୍‌ଲିସ୍ ଆମେଲା ସ୍ୱିଡ଼େନ୍‌ର ଭର୍ଚ୍ୟୁଆଲ୍ ସାକ୍ଷାତକାର ୨୯ ଅଗଷ୍ଟ ୨୦୨୦ ମସିହାରେ ଅନୁଷ୍ଠିତ ହେଲା । ଏହି ସାକ୍ଷାତକାର ଗୋଟିଏ ଦିନ ପୂର୍ବରୁ ଇସ୍‌ଲାମୀ ବିରୋଧି ଗୋଷ୍ଠୀଙ୍କ ତରଫରୁ ସ୍ୱୀଡ଼େନରେ ପବିତ୍ର କୁର୍‌ଆନ୍‌କୁ ଜଳାଇବା ଯୋଗୁଁ ନିନ୍ଦା କରାଗଲା । ଏଥିରେ ଜଣେ ଅହେମଦୀ ମୁସଲମାନଙ୍କ ପ୍ରତିକ୍ରୀୟା ସମ୍ବନ୍ଧରେ ମାର୍ଗଦର୍ଶନ କରାଇ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ଏକଥା ଶୁଣିବାକୁ ପାଇଲି ଯେ କାଲି ରାତିରେ ଏ ଇଲାକାରେ ଦଙ୍ଗା ହୋଇଯାଇଛି । ଏହି ଦଙ୍ଗାର ପ୍ରଭାବ ଆପଣଙ୍କ ସହର କିମ୍ବା ଆପଣଙ୍କ ଇଲାକାରେ ତ ପଡ଼ିନାହିଁ ? ମୋହତରମ୍ ଅମୀର ସାହେବ୍ ସ୍ୱୀଡ଼େନ୍ କହିଲେ ଯେ, ଗତ ରାତିରେ ଏଠାରେ ଦଙ୍ଗା ହୋଇଥିଲା କିନ୍ତୁ ଏବେ ଅଲ୍ଲାଃ ତାଲାଙ୍କ କୃପାରୁ ପରସ୍ଥିତି ଠିକ୍ ଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ:-

**ଉତର:** ଏବେ ଇସ୍‌ଲାମ୍ ସମ୍ବନ୍ଧରେ ଲୋକମାନଙ୍କର ଯେଉଁ Missconception ଅଛି ତାହାକୁ ଆପଣମାନେ ହିଁ ଦୂର କରିବେ । ଯେଉଁ ଲୋକଟି ପବିତ୍ର କୁର୍‌ଆନ୍‌କୁ ଜଳାଇବା ପାଇଁ ଛିଡ଼ା ହୋଇଛି ଯଦିଓ ତାକୁ ପୋଲିସ ଏକଥା କରିବାକୁ ଅନୁମତି ଦେଇନାହିଁ କିନ୍ତୁ ପୋଲିସ ତାକୁ ଏ କଥା କହିଦେଇଛି ଯେ, ତାକୁ ଅପିଲ୍ କରିବାର ଅଧିକାର ଅଛି ତେଣୁ ସେ ଅପିଲ କରିପାରିବ ଓ ତା'ର କେତେକ ଅନୁଗାମୀମାନେ, ଓ ତା ଗ୍ରୁପ୍‌ର କିଛି ଲୋକମାନେ ଥିଲେ ସେମାନେ ରାତିରେ ଯାଇ ଗୋଟିଏ ପାର୍କ ଭିତରେ ପବିତ୍ର କୁର୍‌ଆନ୍‌କୁ ମଧ୍ୟ ଜଳାଇଦେଲେ ପ୍ରଶ୍ନ ଉଠୁଛି ସେମାନେ ଏପରି କାହିଁକି କରୁଛନ୍ତି ? ଏଥିପାଇଁ କରୁଛନ୍ତି ଯେ, ସେମାନଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ବିଷୟରେ କିଛି ଜଣାନାହିଁ । ପବିତ୍ର କୁର୍‌ଆନ୍‌ର ଶିକ୍ଷା ବିଷୟରେ ମଧ୍ୟ କିଛି ଜଣାନାହିଁ । ପୁଣି ଏଥିପାଇଁ ସେମାନେ କରୁଛନ୍ତି ଯେ, ମୁସଲମାନମାନଙ୍କର ଯେଉଁ ସଂନ୍ତ୍ରାସବାଦୀ କାର୍ଯ୍ୟକଳାପ ରହିଛି ସେଥିରୁ ବ୍ୟବହାରକ ରୂପେ ଏ କଥା ଜଣାପଡୁଛି ଯେ, ବୋଧ ହୁଏ ପବିତ୍ର କୁର୍‌ଆନ୍‌ରେ ଏ ଶିକ୍ଷା ଦିଆଯାଇଥିବ । ସେମାନେ ଗୋଟିଏ ଆୟତକୁ ହିଁ ଧରି ନେଇଛନ୍ତି କତାଲ୍ କର ଅର୍ଥାତ ଯୁଦ୍ଧ କର । କିନ୍ତୁ ସେଥିରେ ଯେଉଁ ଅନ୍ୟ ଆଦେଶଗୁଡ଼ିକ ରହିଛି କି ଏହି ଯୁଦ୍ଧକୁ କେଉଁ ପରିସ୍ଥିତିରେ କରିବ, କାହିଁକି କରିବ ସେ ବିଷୟରେ ଏମାନଙ୍କୁ କିଛି ଜଣାନାହିଁ । ତେଣୁ ଏହି ସମସ୍ତ ବିଷୟ ଏମାନେ ଜାଣିବା ଉଚିତ । ଏହିଭଳି ଦୃଷ୍ଟିକୋଣକୁ ରଖି ଆପଣମାନେ ତବ୍‌ଲିଗ୍‌ର ପ୍ଲାନ କରନ୍ତୁ ।

**ପ୍ରଶ୍ନ:** ଏହି ସାକ୍ଷାତକାରରେ ଏ କଥା ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ମାର୍ଗଦର୍ଶନ ନିଆଗଲା ଯେ, କରୋନା ଭାଇରସ୍ ଯୋଗୁଁ ଏ ଦୁନିଆରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଏଭଳି ପରିସ୍ଥିତିରେ ତବ୍‌ଲିଗ୍ କାମ କିଭଳି କରାଯିବ ?

**ଉତର:** ଏବେ ଅନ୍‌ଲାଇନ୍ ତବ୍‌ଲିଗ୍ ବହୁମାତ୍ରାରେ ଆରମ୍ଭ ହୋଇଯାଇଛି ଉଦାହରଣ ସ୍ୱରୁପ ହ୍ୱାଟସ୍‌ଆପ୍‌ରେ, ଶୋସିଆଲ୍ ମିଡ଼ିଆ ଗୁଡ଼ିକରେ ଏ ସବୁ କାମ କରାଯାଇପାରିବ । ପୁଣି ଏକଥା ଆପଣମାନେ ଦେଖନ୍ତୁ ଯେ, ଲୋକମାନଙ୍କ ମନରେ କଣ ସବୁ ପ୍ରଶ୍ନ ରହିଛି, ଲୋକମାନଙ୍କ ମନରେ କଣ କଣ ଇସୁ ମଧ୍ୟ ରହିଛି ? ବିଭିନ୍ନ ପ୍ରକାରର ଓ୍ୱେବସାଇଟ୍ ରହିଛି ସେଥିରେ ଯାଇ ଲୋକମାନଙ୍କୁ ବତାନ୍ତୁ ଯେ, ଏହିଭଳି ପରିସ୍ଥିତିରେ ଆମେ ଅଲ୍ଲାଃ ତାଲାଙ୍କ ଆଡ଼କୁ ଅଧିକରୁ ଅଧିକ ଗତି କରିବା ଉଚିତ ଓ ଅଲ୍ଲାଃଙ୍କ ନିକଟରେ ନତ ମସ୍ତକ ହେବା ଉଚିତ ଓ ତାକୁ ଚିହ୍ନିବା ଉଚିତ । ଏପରି ନ ହେଉ କି ନାସ୍ତିକ ହୋଇଯାଅ ଓ ଖୁଦାତାଲାଙ୍କୁ ଛାଡ଼ିଦିଅ ବା ଏକଥା ଭାବନାହିଁ ଯେ, ଖୁଦାତାଲା ପ୍ରାର୍ଥନା ଗ୍ରହଣ କରୁନାହାନ୍ତି ବୋଲି ବା ଈଶ୍ୱରଙ୍କ ଅସ୍ତିତ୍ୱ ହିଁ ନାହିଁ ଓ ଏ ଦୁନିଆ ହିଁ ସବୁ କିଛି । ଯଦି ଏ ସଂସାରକୁ ବଂଚାଇବାକୁ ଚାହୁଁଛ ତା'ହେଲେ ଏଭଳି କର ଅର୍ଥାତ ଈଶ୍ୱରଙ୍କ ନିକଟରେ ହିଁ ନିଜକୁ ସମର୍ପି ଦିଅ ଓ ତାହାଠାରୁ ହିଁ ଶରଣ ଭିକ୍ଷା କର । କାରଣ ଏହି ମହାମାରୀ ପରେ ଯେଉଁ ସଙ୍କଟ ଆସିବ ତାହା ଏ ପୃଥିବୀର ଆର୍ଥିକ ପରିସ୍ଥିତିକୁ ବରବାଦ କରିଦେବ ପୁଣି ତା ପରେ ଆହୁରି ଅନେକ ସଙ୍କଟ ମାଡ଼ି ଆସିବ ଏହିଭଳି ପରିସ୍ଥିତିରେ ଜଣେ ଅନ୍ୟଜଣକର ସମ୍ପତିକୁ ମାଡ଼ି ବସିବାକୁ ଚେଷ୍ଟା କରିବ ଏବଂ ଯେତେବେଳେ ଜଣେ କାହାର ଧନ ସମ୍ପତିକୁ କବଜା କରିବା ପାଇଁ ଚେଷ୍ଟା କରିବ ସେତେବେଳେ ଯୁଦ୍ଧ ଆରମ୍ଭ ହୋଇଯିବ ଓ ଏହି ଯୁଦ୍ଧ ହେବାପାଇଁ ମଧ୍ୟ ଏବେ ଭିନ୍ନ ଭିନ୍ନ ବ୍ଲକ ସୃଷ୍ଟି ହୋଇଥାଏ ଏବଂ ମୁଁ କହିବାକୁ ଚାହୁଁଛି ଯେ, ଏବେ ତ ସୃଷ୍ଟି ମଧ୍ୟ ହୋଇଗଲାଣି ତେଣୁ ଏହି ସଙ୍କଟରୁ ବଂଚିବାକୁ ହେଲେ ଏହି ଗୋଟିଏ ଉପାୟ ରହିଛି ଯେ, ଅଲ୍ଲାଃ ତାଲାଙ୍କ ନିକଟକୁ ଆସ ଏବଂ ନିଜ ନିଜର ଯେଉଁ ଦାୟିତ୍ୱ ରହିଛି ଓ କର୍ତବ୍ୟ ରହିଛି ସେଗୁଡ଼ିକୁ ବୁଝ । ସେହିଭଳି ଯେତେକ ମିଡ଼ିଆ ଅଛନ୍ତି ସେମାନେ ସମସ୍ତେ ଲୋକମାନଙ୍କୁ ଦୁନିଆରେ ଯୋଡୁଛନ୍ତି ନା ନାହିଁ ? ତେଣୁ ସେହି ମିଡ଼ିଆ ମାନଙ୍କୁ ଆପଣମାନେ ମଧ୍ୟ ବ୍ୟବହାର କରନ୍ତୁ ଏବଂ ସେହି ଶୈଳୀକୁ ଆପଣମାନେ ମଧ୍ୟ ଆପଣାନ୍ତୁ ଯାହାକୁ ଏ ଦୁନିଆର ଲୋକମାନେ ଆପଣେଇଛନ୍ତି । ମୁଁ ଭାବୁଛି ଯେ, ଆଜି ଯେତେକ କଥା ଏଠି ହୋଇଗଲାଣି ତା' ଉପରେ ଆପଣମାନେ କାମ କରନ୍ତୁ ଯାହା କିଛି ଜରୁରୀ କଥା ଥିଲା ତାହା ମୁଁ ଏଠାରେ କହିଦେଲି ଅର୍ଥାତ ଆମ ନ୍ୟାଶନାଲ୍ ଆମେଲାର କ'ଣ କ'ଣ ସବୁ ଦାୟିତ୍ୱ ରହିଛି ଏହି ମଜ୍‌ଲିସ୍ ଆମେଲାରେ ଭିନ୍ନ ଭିନ୍ନ ମଜ୍‌ଲିସ୍‌ର ଯେଉଁ ସେକ୍ରେଟାରୀମାନେ ଅଛନ୍ତି ସେମାନଙ୍କ ପାଇଁ ମଧ୍ୟ ଏହି କଥା ଉପଯୁକ୍ତ ଓ ସେମାନଙ୍କୁ ମଧ୍ୟ ଏକଥା ମନେ ରଖିବା ଉଚିତ ଓ ଆ ମୁତାବକ ନିଜର ପଲିସି ତିଆରି କରିବା ଉଚିତ ଓ ତା ଉପରେ ପରିଚାଳିତ ହେବା ମଧ୍ୟ ଉଚିତ । ଯଦି ଗ୍ରାସରୁଟ୍ ଲେବେଲ୍‌ରେ ସବୁ କାମ ଆରମ୍ଭ କରିଦିଆଯିବ ଅର୍ଥାତ ଆପଣଙ୍କ ମଜ୍‌ଲିସ୍ ଗୁଡ଼ିକରେ ଥିବା ପ୍ରତ୍ୟେକ ବିଭାଗର ସେକ୍ରେଟାରୀମାନେ ନିଜ ନିଜ କାମ ଓ ନିଜ ନିଜର କର୍ତବ୍ୟକୁ ବୁଝିବେ ଓ କରିବେ ସେତେବେଳେ ନ୍ୟାସନାଲ୍ ଆମେଲାର କାମ ମଧ୍ୟ ସହଜ ହୋଇଯିବ ଓ ଆପଣମାନେ ସେହି ଉଦ୍ଦେଶ୍ୟକୁ ମଧ୍ୟ ପୁରଣ କରିପାରିବେ । ଯେଉଁ ଉଦ୍ଦେଶ୍ୟ ପାଇଁ ଆପଣମାନଙ୍କୁ ଓ୍ୱହଦାଦାର ବନାଯାଇଛି ଓ ଏହିଭଳି ଆପଣମାନେ ଖଲିଫାଙ୍କୁ ସାହାଯ୍ୟ ଓ ସହଯୋଗ ମଧ୍ୟ କରିପାରିବେ । ତତ୍‌ସହିତ ଜମାତ୍ ପାଇଁ ଯେଉଁ ସବୁ ସେବା କାର୍ଯ୍ୟ ଆପଣମାନେ କରୁଛନ୍ତି ତାହା ମଧ୍ୟ ସଠିକ୍ ଭାବର ସମ୍ପାଦିତ ହୋଇପାରିବ । ପୁଣି ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ମଧ୍ୟ ଆପଣମାନଙ୍କର ସେବା କାର୍ଯ୍ୟ ଗ୍ରହଣୀୟ ହେବ । କିନ୍ତୁ ଯଦି କେବଳ ଓ୍ୱହଦା (ପଦବୀ)କୁ ରଖି କାମ ନ କରିବ ଓ ନିଜର ଭୂଲ ନମୁନା କାଏମ୍ କରିବ ଦୁଆ କରିବା ପ୍ରତି ଧ୍ୟାନ ଦେବାନାହିଁ

*ଅବଶିଷ୍ଟାଂଶ ପୃଷ୍ଠା-୦୯ ରେ ଦେଖନ୍ତୁ...*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan